## ଯୁବକଙ୍କୁ ହତ୍ୟା ଉଦ୍ୟମ କରି ୩ ଗିରଫ

**ଦିଗପହଣ୍ଡି,୨୪ ।୩(ସମିସ):** ଦିଗପହଣ୍ଡି ପୁଞ୍ଜିକଂୟା ଛକ ନିକଟରେ ସୋମବାର ସନ୍ଧ୍ୟାରେ ପ୍ରଦୀପ ଗୌଡ଼ ନାମକ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା ଉଦ୍ୟମ କରାଯାଇଥିଲା । ଏହି ଘଟଣାରେ ଦିଗପହଣ୍ଡି ଥାନା ଏସ.ଆଇ ରାଜ କିଶୋର ପାତ୍ର ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି ଅପରାହ୍ନରେ କୋର୍ଟଚାଲାଣ କରିଥିବା ଜଣାପଡିଛି । ଅଭିଯୁକ୍ତ ମାନେ ହେଲେ ଦିଗପହଣ୍ଡି ଥାନା ଚାଙ୍ଗଡାପଲ୍ଲୀ ଗ୍ରାମର ସୁନୀଲ ସ୍ୱାଇଁ, ଦିଗପହଣ୍ଡିର ବଳିଆ ସେଠୀ ଓ ତାଙ୍କ ଭାଇ କାଳିଆ ସେଠୀ । ପ୍ରଦୀପ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟରେ ଥିବା ଏକ ପ୍ଲାଇ ଦୋକାନରେ କାମ କରୁଥିଲେ । ମୋଟର ସାଇକେଲ ଗ୍ୟାରେଜ କରିଥିବା କାଳିଆ କିଛିଦିନ ପୂର୍ବେ ପ୍ରଦୀପଙ୍କ ସୁପାରିଶ ପ୍ରକାରେ ଦୋକାନରୁ ୮ ହଜାର ଟଙ୍କାର ପ୍ଲାଇ ଏବଂ ପେଇଣ୍ଟ ନେଇଥିଲେ । ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଏହି ଧାର ଟଙ୍କାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ଠେଲା ପେଲା ହୋଇଥିଲା । କିଛି ସମୟ ପରେ ବଳିଆ ଓ ତାଙ୍କ ସାଙ୍ଗ ସୁନୀଲ ଏକ ସ୍କୁଟିରେ ଆସିଥିଲେ । ବଳିଆ ହାତରେ ଖଣ୍ଡା ଧରି ପ୍ରଦୀପଙ୍କୁ ମାରିବା ଉଦ୍ଦେଶ୍ୟରେ ବୁଲାଇବା ବେଳେ ସେ ସାମାନ୍ୟ ଆହତ ହେବା ସହ ସେଠାରେ ଠିଆ ହୋଇଥିବା କେଶବ ଗୌଡ଼ଙ୍କୁ ବାଜିଥିଲା । କିଛି ସମୟ ପାଇଁ ୩ ଅଭିଯୁକ୍ତ ସେଠାରେ ଆତଙ୍କରାଜ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ପ୍ରଦୀପ ଦିଗପହଣ୍ଡି ମେଡିକାଲରେ ଚିକିତ୍ସିତ ହେବାପରେ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୁଲିସ ଥାନା କେସ୍ ନଂ. ୧୨୬/୨୬ ଭାରତୀୟ ନ୍ୟାୟ ସଂହିତାର ଧାରା - ୨୯୬/୩୫୧(୨)/୧୦୯/୧୧୫(୨) ସମେତ ମାରଣାସ୍ତ୍ର ଆଇନର ଧାରା - ୨୫(୧)(କ)/୨୭ ଅନୁଯାୟୀ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା । ମଙ୍ଗଳବାର ସକାଳୁ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ ଅପରାହ୍ନରେ କୋର୍ଟଚାଲାଣ କରିଥିଲା । ଜାମିନ ଆବେଦନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତ ମାନଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି । ପୁଲିସ ଅଭିଯୁକ୍ତ ବଳିଆଙ୍କ ନିକଟରୁ ଖଣ୍ଡା ଜବତ କରିଛି । ଅଭିଯୁକ୍ତ ଦୁଇ ଭାଇ ବଳିଆ ଓ କାଳିଆଙ୍କ ନାଁରେ ବୋମାମାଡ଼, ହତ୍ୟା ଉଦ୍ୟମ, ରାହାଜାନୀ ଭଳି ଏକାଧିକ ସଙ୍ଗୀନ ମାମଲା ରହିଥିବା ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି ।

### ରନ୍ଧନ ଗ୍ୟାସ୍ ସଂକଟ

# ସୁରତରୁ ଫେରୁଛନ୍ତି ଶତାଧିକ ଓଡ଼ିଆ ଶ୍ରମିକ



**ଖଲ୍ଲିକୋଟ,୨୪ ।୩(ସମିସ)**

ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ପ୍ରଭାବିତ ହେଲା ଟେକ୍ସଟାଇଲ ଇଣ୍ଡଷ୍ଟ୍ରି । ଏଲପିଜି ଗ୍ୟାସର ଅଭାବ ଯୋଗୁଁ ସୁରତରୁ ପ୍ରତିଦିନ ଶହ ଶହ ଓଡ଼ିଆ ଶ୍ରମିକ ଗାଁକୁ ଫେରୁଥିବା ଦେଖିବାକୁ ମିଳୁଛି । ଯାହା ଫଳରେ ସୁରତର କିଛି ସୂତାକଳ ବନ୍ଦ ହେବାକୁ ବସିଲାଣି । ଜାଳେଣି ଗ୍ୟାସର ଅଭାବ ଯୋଗୁଁ ପଲ୍ଲୀ ଠୁ ସହର ସବୁଠି ସମସ୍ୟା ଦେଖା ଦେଇଛି । ସାଧାରଣ ଲୋକ କୋଇଲା ବା କାଠ ଚୁଲି ଉପରେ ନିର୍ଭର କଲା ବେଳେ ହୋଟେଲ ଓ ରେଷ୍ଟୁରାଣ୍ଟ ବନ୍ଦ ହବାକୁ ବସିଲାଣି । ଦାଦନ ପ୍ରବଣ ଅଞ୍ଚଳ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ଶ୍ରମିକ ସୁରତ ସୁତା କଳରେ ଶ୍ରମିକ ଭାବେ କାମ କରି ଜୀବିକା ନିର୍ବାହ କରୁଥିବା ବେଳେ ଜାଳେଣି ଗ୍ୟାସର ଅଭାବ ସେମାନଙ୍କ ରୋଜଗାରକୁ ପ୍ରଭାବିତ କରିଛି । କିଛି ମେସ୍ ଜାଳେଣି ଗ୍ୟାସର ଅଭାବ ଯୋଗୁଁ ବନ୍ଦ ହୋଇଯାଇଥିବା ବେଳେ ହୋଟେଲ ମାନଙ୍କରେ ଖାଦ୍ୟ ସାମଗ୍ରୀ ଦର ଉଚ୍ଚା ରହିଥିବା ହେତୁ ଓଡ଼ିଆ ଶ୍ରମିକ ମାନେ ବର୍ତ୍ତମାନ ବାଧ୍ୟ ହୋଇ ଘରକୁ ଫେରୁଛନ୍ତି । ଗ୍ୟାସ ସଙ୍କଟ ଯୋଗୁଁ ସୁରତରେ ଓଡ଼ିଆ ଶ୍ରମିକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି । ଯୁଦ୍ଧ ଯୋଗୁଁ ଗ୍ୟାସ ର ଅଭାବ ପ୍ରାୟ ଦୀର୍ଘ ଦିନ ଧରି ଲାଗି ରହିଥିବା ବେଳେ ରୋଜଗାର ପାଇଁ ଓଡିଶାରୁ ଗୁଜୁରାଟ ଯାଇଥିବା ଶ୍ରମିକ ମାନେ ଗ୍ୟାସ କିଲୋ ପିଛା ପାଞ୍ଚଶହରୁ ୬ଶହ ଟଙ୍କା ଦେଇ କିଣିଥିବା କହିଛନ୍ତି । ଚଢ଼ା ଦରରେ ଗ୍ୟାସ କିଣି ସୁରତରେ ରହି ସୁତା କଳରେ କାମ କରିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଥିବା ଯୋଗୁଁ ପ୍ରତିଦିନ ଶହ ଶହ ଓଡ଼ିଆ ଶ୍ରମିକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘରକୁ ଫେରି ଆସୁଛନ୍ତି । ସେମାନଙ୍କ କହିବା ଅନୁଯାୟୀ ସ୍ଥିତି ସ୍ୱାଭାବିକ ହେଲେ ସେମାନେ ପୁଣି ନିଜର କର୍ମକ୍ଷେତ୍ରକୁ ଫେରିଯିବେ । କେବେ ଗ୍ୟାସ ସମସ୍ୟାର ସମାଧାନ ହେବ ଓ କେବେ ସୁରଟ ସୁତା କଳକୁ ଫେରିବେ ଓଡ଼ିଆ ଶ୍ରମିକ ସେ ଉପରେ ସମସ୍ତଙ୍କ ନଜର ରହିଛି ।

## ଲଙ୍ଗଳେଶ୍ୱରରେ ଦଣ୍ଡଯାତ୍ରା ଆରମ୍ଭ



**ଖଲ୍ଲିକୋଟ,୨୪ ।୩(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି ପାରମ୍ପରିକ ଦଣ୍ଡଯାତ୍ରା । ଏଥିରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି । ବୁଧବାର ଠାରୁ ପଥରା, କେଶପୁର ପ୍ରଭୃତି ଦଣ୍ଡ ବାହାରିବେ । ଏହି ଯାତ୍ରା ପ୍ରତିବର୍ଷ ଚୈତ୍ର ମାସରେ ମୀନ ସଂକ୍ରାନ୍ତିର ୯ ଦିନ ପରେ ଆରମ୍ଭ ହୋଇ ପଣା ସଂକ୍ରାନ୍ତିରେ ଶେଷ ହୋଇଥାଏ । ମାନସିକ ଧାରୀ ମାନେ ମିନ ସଂକ୍ରାନ୍ତି ଠାରୁ ମେଷ ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ଦଣ୍ଡ ପାଳନାରେ ରହିଥାନ୍ତି । ମାନସିକଧାରୀ ମାନେ ମାନସିକ ରଖି ଦଣ୍ଡକାଳୀଙ୍କୁ ଧରି ଗାଁକୁ ଗାଁ ବୁଲିଥାନ୍ତି । ଦଣ୍ଡକାଳି ଗ୍ରାମରେ ଦୁଆର ଦୁଆର ବୁଲି ଭକ୍ତଙ୍କ ଭୋଗ ଖାଇଥାନ୍ତି । ଗଞ୍ଜାମର ବିଭିନ୍ନ ଜାଗାରେ ହେଉଥିବା ବେଳେ କେଉଁଠାରେ ୨୧ ଦିନ, କେଉଁଠାରେ ୧୮ ଦିନ ତ ଆଉ କେଉଁଠାରେ ୧୩ ଦିନ ପାଳନ କରାଯାଇଥାଏ । ଗଞ୍ଜାମର ଏହି ପ୍ରସିଦ୍ଧ ପାରମ୍ପରିକ ଦଣ୍ଡନାଚ ଗାଁ ଗହଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିବା ବେଳେ ପ୍ରତିବର୍ଷ ଏହି ଯାତ୍ରା ଗଞ୍ଜାମ ଜିଲ୍ଲାକୁ ଚଳଚଞ୍ଚଳ କରିଥାଏ ।

## ଗଞ୍ଜାମ ପୁଲିସର 'ସାଗର କବଚ' ସମରାଭ୍ୟାସ



**ଛତ୍ରପୁର,୨୪ ।୩(ସମିସ):** ମଙ୍ଗଳବାର ଠାରୁ ଗଞ୍ଜାମ ଉପକୂଳରେ ଆରମ୍ଭ ହୋଇଛି ମିଳିତ ସମର ଅଭ୍ୟାସ ସାଗର କବଚ । ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ସମୁଦ୍ର ତଟ ସୁରକ୍ଷା ନେଇ ଦୁଇ ଦିନିଆ ସାଗର କବଚ ସମରଭ୍ୟାସ ଚାଲିଛି । ପୁଲିସ ପକ୍ଷରୁ ସମୁଦ୍ର ନିକଟ ଥାନା ଆର୍ଯ୍ୟପଲ୍ଲୀ, ଗଞ୍ଜାମ, ଛତ୍ରପୁର, ରମ୍ଭା, ଚମାଖଣ୍ଡି ପୁଲିସ ପକ୍ଷରୁ ଏହି ସମରଭ୍ୟାସ କରାଯାଉଛି । ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କଡା ପହରା ଦିଆଯାଉଛି । ସୂଚନା ଥାଉକି ୨୬/୧୧ ୨୦୦୮ରେ ପାକିସ୍ଥାନ ଆତଙ୍କବାଦୀ ମୁମ୍ବାଇ ଜଳପଥ ଦେଇ ଆସିବାପରେ ଆକ୍ରମଣ କରିଥିଲେ । ଏହାପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପକ୍ଷରୁ ପ୍ରତ୍ୟେକ ବର୍ଷ ଦୁଇଥର ସମରାଭ୍ୟାସ କରାଯାଉଛି । ଜଳପଥ ହେଉ ବା ସ୍ଥଳପଥ ହେଉ ଶତ୍ରୁପକ୍ଷକୁ ଦିଆଯିବ କଡା ଜବାବ । ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିନରେ ପ୍ରୟାଗି ଠାରୁ ହରିପୁର ପର୍ଯ୍ୟନ୍ତ ଦିର୍ଘ ୪୦ କିମି ପର୍ଯ୍ୟନ୍ତ ପାଟ୍ରୋଲିଂ କରିଥାନ୍ତି । ଏହି ସମରାଭ୍ୟାସରେ ପୁଲିସ, ମତ୍ସ୍ୟ ବିଭାଗ, ଅଗ୍ନିଶ୍ରମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୋଷ୍ଟ ଗାର୍ଡ ସାମିଲ ହୋଇଥିଲେ । ପ୍ରତ୍ୟେକ ସ୍ଥାନରେ କଡାକଡି ଯାଂଚ କରାଯାଉଛି । ଏପରିକି ବ୍ଲୁ ଟିମ ଓ ରେଡ ଟିମ ଭାବେ ଦୁଇଟି ଟିମ ଗଠନ ହୋଇଛି । ଏହି ବ୍ଲୁ ଟିମ ଜଳପଥରେ କଡାକଡ ପାଟ୍ରୋଲିଂ କରିବା ବେଳେ ଏକ ବୋଟ ଯୋଗେ ଗୋପାଳପୁରରୁ ପୁରୀକୁ ଦୁଇଟି ବୋଟ ଯୋଗେ ୪ଜଣ ଡମି ଆତଙ୍କବାଦୀ ଜଳପଥରେ ଯାଉଥିବା ବେଳେ ଏହି ଟିମ ସେମାନଙ୍କୁ ଗଞ୍ଜାମ ନିକଟରେ ଧରିବା ସହ ତାଙ୍କ ନିକଟରୁ ଡମି ୮ଟି ବୋମା ସହ ସେମାନଙ୍କ ପରିଚୟ ପତ୍ର ଜବତ ସହ ୪ ଜଣକୁ ଗିରଫ ମଧ୍ୟ କରିଥିଲା । ଏହା ଏକ ଡେମୋ ଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ସେମାନେ ଧରି ପାରୁଛନ୍ତି କି ନାହିଁ ତାହା ଏକ ଡେମୋ କରାଯାଇଥିଲା । କାର୍ଯ୍ୟକ୍ରମରେ ଛତ୍ରପୁର ପୁଲିସ ଏସଡିପିଓ ଚନ୍ଦନ କୁମାର ଘଡାଇ ମଧ୍ୟ ଉପସ୍ଥିତ ରହିଥିଲେ । ବିଭିନ୍ନ ଛକ ମାନଙ୍କରେ ମଧ୍ୟ ପୁଲିସ ସମସ୍ତ ଗାଡି ସବୁ ଯାଞ୍ଚ କରୁଛି, ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ସଚେତନତା କରାଯାଉଛି କିଏ ଅଜଣା ବ୍ୟକ୍ତି ଆସିଲେ ତୁରନ୍ତ ପୁଲିସକୁ ଅଗବତ କରାଇବା ପାଇଁ କୁହାଯାଇଛି ।

### ଜବ୍ କାର୍ଡ କାଟିବାରୁ ଅସନ୍ତୋଷ

## ମନରେଗାରୁ ବଞ୍ଚିତ ଗରିବ ପରିବାର



**କୁକୁଡାଖଣ୍ଡି,୨୪ ।୩(ସମିସ):** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରୁ ଗ୍ରାମୀଣ ଉନ୍ନୟନ ଯୋଜନାରେ ଅବ୍ୟବସ୍ଥାର ଅଭିଯୋଗ ଆସିଛି । ଜବ୍ କାର୍ଡ କାଟି ଦିଆଯାଇଥିବାରୁ ଗରିବ ଶ୍ରେଣୀର ଅନେକ ପରିବାର ମନରେଗା ଯୋଜନାରେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି । ସୂଚନା ପ୍ରକାରେ, ପୂର୍ବରୁ ଗ୍ରାମର ଅନେକ ଲୋକଙ୍କ ପାଖରେ ଜବ୍ କାର୍ଡ ଥିଲା । ଫଳରେ ସେମାନେ ନିୟମିତ ଭାବେ ମନରେଗା କାମ କରୁଥିଲେ । କିନ୍ତୁ ଗତ ବର୍ଷ ହଠାତ୍ ଅନେକଙ୍କ ଜବ୍ କାର୍ଡ କାଟି ଦିଆଯାଇ ଥିବାରୁ ସେମାନେ ରୋଜଗାରରୁ ବଞ୍ଚିତ ହୋଇଛନ୍ତି । ଏହାକୁ ପ୍ରତିବାଦ କରି ମଙ୍ଗଳବାର ଦିନ କାପଲ ଲାଛେୟାଙ୍କ ନେତୃତ୍ୱରେ ୩୦ରୁ ଅଧିକ ଗ୍ରାମବାସୀ କୁକୁଡାଖଣ୍ଡି ବିଡିଓ ପଲ୍ଲବୀ ସ୍ୱାଇଁଙ୍କୁ ଭେଟି ଲେଖିତ ଅଭିଯୋଗ ପତ୍ର ଦେଇଛନ୍ତି । ସେମାନଙ୍କ ଅଭିଯୋଗ, ପଞ୍ଚାୟତ ପକ୍ଷରୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଜବ୍ କାର୍ଡ ନଥିବାରୁ ଗ୍ରାମର ଗରିବ ପରିବାର ଗୁଡ଼ିକ ଦିନକୁ ଦିନ ଆର୍ଥିକ ସଂକଟରେ ପଡୁଥିବା ସହ ଜୀବନ ଯାତ୍ରା ପ୍ରଭାବିତ ହୋଇଛି । ଏନେଇ ବିଡିଓ ପଲ୍ଲବୀ ସ୍ୱାଇଁ କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱ ସହ ନେଇ ତଦନ୍ତ କରାଯିବ ଓ ଯୋଗ୍ୟ ଲୋକଙ୍କୁ ପୁନଃ ଜବ୍ କାର୍ଡ ଯୋଗାଇବା ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ।

## ଅସହାୟ ମହିଳାଙ୍କୁ ନିର୍ଯାତନା

**ଗଞ୍ଜାମ,୨୪ ।୩(ସମିସ):** ରମ୍ଭା ଥାନା ଏବଂ ହୁମା ଫାଣ୍ଡି ଅଞ୍ଚଳର ଜଣେ ଅବିବାହିତ ମହିଳାଙ୍କୁ ଗର୍ଭବତୀ କରିବା ଓ ପରେ ଗର୍ଭପାତ କରାଇବା ଉଦ୍ୟମ ହୋଇଛି । ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଗ୍ରାମରେ ଏନେଇ ବୈଠକ ହୋଇଥିବା ସତ୍ତ୍ୱେ କୌଣସି ସମାଧାନ ହୋଇପାରିନଥିଲା । ଫଳରେ ଉତ୍ତ୍ୟକ୍ତ ଲୋକେ ହୁମା ଫାଣ୍ଡିରେ ଅଭିଯୋଗ କରିଥିଲେ । ପୀଡିତାଙ୍କ ବୟାନ ପୁଲିସ ରେକର୍ଡ କରିବା ସହ ୧୯୩/୨୬, ୧୯୪/୨୬ରେ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ହୁମ୍ମା ଫାଣ୍ଡି ଅଞ୍ଚଳରେ ଜଣେ ଅସହାୟ ମହିଳାଙ୍କୁ ସେହି ଅଞ୍ଚଳର ଜଣେ ଲୋକ କୁଆଡେ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିବା ବେଳେ ମହିଳା ଜଣକ ଗର୍ଭବତୀ ହୋଇଥିଲେ । ମହିଳାଙ୍କ ଗର୍ଭ ନଷ୍ଟ କରିବାକୁ ମହିଳାଙ୍କୁ ଘରୋଇ ମେଡିକାଲ ନିଆଯାଇଥିଲା । ତେବେ ସେଠାରେ ମହିଳାଙ୍କ ସ୍ୱାମୀଙ୍କ ଆବଶ୍ୟକ ପଡିଥିଲା । ଯାହାକୁ ନେଇ ମହିଳାଙ୍କୁ ନେଇଥିବା ବ୍ୟକ୍ତି ଜଣକ ଅସୁବିଧାରେ ପଡିଯାଇଥିଲେ । ଫଳରେ ଆଉ ଗର୍ଭ ନଷ୍ଟ କରି ପାରି ନଥିଲେ । ପରବର୍ତ୍ତୀ ସମୟରେ ଗ୍ରାମରେ ଏହି ଘଟଣା ପ୍ରଚାର ହୋଇଥିଲା । ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଉକ୍ତ ଘଟଣାକୁ ନେଇ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି, ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ ପ୍ରମୁଖ ତଦନ୍ତ କରୁଛନ୍ତି ।

## ଯୁବକଙ୍କୁ ହତ୍ୟା ପରେ ଆଖି ତାଡ଼ିଦେଲେ

**ଜଗନ୍ନାଥପ୍ରସାଦ,୨୪ ।୩(ସମିସ):** ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଗୁପ୍ତପଲ୍ଲୀ ଗ୍ରାମ ନିକଟରେ ସୋମବାର ଦିନ ବିଳମ୍ବିତ ରାତ୍ରିରେ ଜଣେ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଚଢିଆପଲ୍ଲୀ ଗ୍ରାମର ଲୋଚନ ବେହେରା (୩୫) । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛନ୍ତି । ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା, ବୁଗୁଡ଼ା ଥାନାଧିକାରୀ ସୁଧାଂଶୁ ଶେଖର ମାନ୍ଧାତା, ଏଏସଆଇ ପ୍ରିୟରଞ୍ଜନ ମିଶ୍ର, ଏଏସଆଇ ଟି ପ୍ରମିଳା ଏବଂ ବେଲଗୁଣ୍ଠା ଓ ଜଗନ୍ନାଥପ୍ରସାଦ ପୁଲିସ ଟିମ ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଜଗନ୍ନାଥପ୍ରସାଦ ଥାନା କେସନଂ୧୧୨ /୨୬ ପ୍ରକାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ମୃତକଙ୍କ ପରିବାର କହିବା ପ୍ରକାରେ ଲୋଚନ ସୋମବାର ମଧ୍ୟାହ୍ନ ୩ଟାରେ ଘରୁ ବାହାରି ଯାଇଥିଲେ । ସନ୍ଧ୍ୟାରେ ନିଜ ସ୍ତ୍ରୀଙ୍କୁ ଫୋନ କରି ଜିନିଷ ନେବାର ଅଛି କି ବୋଲି ପଚାରିଥିଲେ । ବସ୍ତ୍ରର କିଛି ଅଣ୍ଡ କପଡା ଆଣିବାକୁ କହିଥିଲେ ସ୍ତ୍ରୀ । ପରେ ଲୋଚନ ଏକ ଲୁଗା ଦୋକାନକୁ ଯାଇ ଥିଲେ । କିନ୍ତୁ ବିଳମ୍ବିତ ରାତି ଯାଏଁ ଘରକୁ ଫେରିନଥିଲେ । ତେଣୁ ସ୍ତ୍ରୀ ତାଙ୍କର ବ୍ୟତିବ୍ୟସ୍ତ ହୋଇ ବାରମ୍ବାର ଫୋନ୍ କରିଥିଲେ । ହେଲେ ଲୋଚନଙ୍କ ମୋବାଇଲ ସୁଇଚ ଅଫ ଥିଲେ । ତେବେ ମଙ୍ଗଳବାର ସକାଳୁ ଗୁପ୍ତପଲ୍ଲୀ ଗ୍ରାମ ରାସ୍ତା କଡ ପାଣି ଟାଙ୍କି ନିକଟରେ ଲୋଚନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ପରେ ଏନେଇ ପୁଲିସକୁ ଓ ଲୋଚନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ତାଙ୍କୁ କେହି ଆକ୍ରମଣ କରିବା ସହ ତାଙ୍କର ଆଖି ତାଡି ଦେଇଥିବା ଦେଖିବାକୁ ମିଳିଥିଲା । ଏହି ମାମଲାରେ ପୁଲିସ କିଛି ଲୋକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ପ୍ରାଥମିକ ତଦନ୍ତରୁ ଜୁଆ ଖେଳ କିମ୍ବା ମଦ୍ୟ ପାନକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୁଲିସ ଅନୁମାନ କରୁଛି । ତେବେ ଖୁବଶୀଘ୍ର ହତ୍ୟାର କାରଣ ଓ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା ସୂଚନା ଦେଇଛନ୍ତି ।

## ଉଧାର ଟଙ୍କାକୁ ନେଇ ମହିଳାଙ୍କୁ ମାଡ଼

**ପାତ୍ରପୁର,୨୪ ।୩(ସମିସ):** ଜରଡା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁରେ ରବିବାର ଜଣେ ମହିଳାଙ୍କୁ କିଛି ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଖାରିଆଗୁଡା ଫାଣ୍ଡିରେ ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ଉଧାର ଟଙ୍କା ମାଗିବାକୁ ନେଇ ଉକ୍ତ ଗ୍ରାମର ବାଳକୃଷ୍ଣ ଗୌଡଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଗୌଡଙ୍କୁ ଗ୍ରାମର କିଛି ପୁରୁଷ ଓ ମହିଳା ଘରୁ ଟାଣି ଆଣି ମାଡ ମାରିଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଆହତ ବିଷ୍ଣୁପ୍ରିୟାଙ୍କ ବାମ ହାତ ଭାଙ୍ଗି ଥିବା ବେଳେ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । ଏନେଇ ବିଷ୍ଣୁପ୍ରିୟାଙ୍କ ସ୍ୱାମୀ ଖାରିଆଗୁଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ବେଳେ ଅଭିଯୋଗକୁ ଭିତ୍ତିକରି ପୁଲିସ ୭ଜଣ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଉକ୍ତ ଗ୍ରାମର ନିରଞ୍ଜନ ଗୌଡ, ଅଜୟ ଗୌଡ, ଯୁଧିଷ୍ଠିର ଗୌଡ, ଅସେଇ ଗୌଡ, ବନିତା ଗୌଡ, ଇନ୍ଦିରା ଗୌଡ ଓ ସୁନି ଗୌଡଙ୍କ ନାମରେ ମାମଲା ରୁଜୁ ହୋଇଛି । ସେହିଭଳି ଆହାତ ବିଷ୍ଣୁପ୍ରିୟାଙ୍କୁ ପ୍ରଥମ ପାତ୍ରପୁର ଓ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣା ସମ୍ପର୍କରେ ଅଧିକ ସୂଚନା ପାଇଁ ଫାଣ୍ଡି ଅଧିକାରୀ ସମିର ଜୟସିଂଙ୍କ ସହ ଯୋଗାଯୋଗ କରିଥିବା ବେଳେ ଯୋଗାଯୋଗ ସମ୍ଭବ ହୋଇନାହିଁ ।

## ଛାତ୍ରୀଙ୍କୁ ଅପହରଣ ପରେ ହତ୍ୟା ଧମକ

**ଦିଗପହଣ୍ଡି,୨୪ ।୩(ସମିସ):** ଦିଗପହଣ୍ଡି ବ୍ଲକ ଅଧିନ ଏକ ଗାଁ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ବିଭାଗରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଅପହରଣ ପରେ ଅଭିଯୁକ୍ତ ତାଙ୍କୁ ହତ୍ୟା ଧମକ ଦେଇଥିବା ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଛି । ଗତ ୧୭ ତାରିଖ ସକାଳ ପ୍ରାୟ ୧୦ ଟାରେ ଛାତ୍ରୀ ଜଣକ ଘରୁ କଲେଜକୁ ଯାଇଥିଲେ । ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରିନଥିଲେ । ପରିବାର ଓ ସମ୍ପର୍କୀୟ ଲୋକେ ବିଭିନ୍ନ ଅଞ୍ଚଳକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ଛାତ୍ରୀଙ୍କ ସନ୍ଧାନ ମିଳିନଥିଲା । ଘଟଣାର ଚାରିଦିନ ପରେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସାହାସପୁର ଗ୍ରାମର ଏ. ଚେରୁ ଛାତ୍ରୀଙ୍କ ବାପାଙ୍କ ମୋବାଇଲକୁ ଫୋନ କରି ମୁଁ ତୁମ ଝିଅକୁ ନେଇଯାଇଛି । ତୁମେ ଯଦି ଏହି ବିଷୟ ଥାନାରେ ରିପୋର୍ଟ କରିବ ତାହେଲେ ତୁମ ଝିଅକୁ ଜୀବନରେ ମାରିଦେବି କହି ଧମକ ଦେଇଥିଲେ । ଧମକରେ ଭୟଭୀତ ହୋଇ ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ପହଞ୍ଚି ଏନେଇ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୧୨୫/୨୬ ଭାରତୀୟ ଆଇନ ସଂହିତାର ଧାରା - ୧୩୭(୨)/୩୫୧(୪) ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି । ତଦନ୍ତକାରୀ ଅଧିକାରୀ ଏସ.ଆଇ ରାଜ କିଶୋର ପାତ୍ର ଘଟଣାର ତଦନ୍ତ କରି ବିଭିନ୍ନ ସନ୍ଦିଗ୍ଧ ଇଲାକାରେ ଚଢ଼ଉ କରିଥିଲେ ମଧ୍ୟ ଅଭିଯୁକ୍ତ କିମ୍ବା ଅପହୃତା ଛାତ୍ରୀଙ୍କ ପତ୍ତା ମିଳିପାରିନଥିବା ଜଣାପଡ଼ିଛି ।

## କବିସୂର୍ଯ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ

**କବିସୂର୍ଯ୍ୟନଗର,୨୪ ।୩(ସମିସ):** ଓଡିଶା ସାହିତ୍ୟ ଏକାଡେମୀ ଓ ସ୍ଥାନୀୟ କବିସୂର୍ଯ୍ୟ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସ୍ମୃତି ସଂସଦ ସଭାପତି ପ୍ରଫେସର କୈଳାସ ନାଥ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଡକ୍ଟର ରଣଜିତ କୁମାର ପରିଡ଼ା, ମୁଖ୍ୟବକ୍ତା ସଂସ୍କୃତି ଗବେଷକ ଡକ୍ଟର ବାୟାମନୁ ଚର୍ଚ୍ଚି, ସମ୍ମାନିୟ ବକ୍ତା ସୁସାହିତ୍ୟିକ ସଚ୍ଚିଦାନନ୍ଦ ବେହେରା, ସମ୍ମାନିତ ଅତିଥି ଓଡିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷାତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ବୋବିତା ସାରଂଥେମ ଓ ବିଶିଷ୍ଟ ସାମାଜିକକର୍ମୀ ଇ. ମାହେଶ୍ୱରୀ ଦୋରା ମଞ୍ଚାସୀନ ଅତିଥି ଥିଲେ । ଏହି ଅବସରରେ ପ୍ରଫେସର କୈଳାସ ନାଥ ସ୍ୱାଇଁଙ୍କ ଲିଖିତ ମାଟିର ଧର୍ମଗ୍ରନ୍ଥ ଓ ଆର୍ଯ୍ୟଚିନ୍ତା ଏବଂ ବୃନ୍ଦାବନ ନାୟକଙ୍କ ରଚିତ ଅଷ୍ଟଦୁର୍ଗ ପୁସ୍ତକର ଉନ୍ମୋଚନ ହୋଇଥିଲା । ସଂଯୋଜନା କରିଥିଲେ ସୁସାହିତ୍ୟିକ ଇଂ. ସଦାଶିବ ନାୟକ । ସେହିପରି କବିତା ପାଠୋତ୍ସବର ସଭାମୁଖ୍ୟ କବିସୂର୍ଯ୍ୟ ସ୍ମୃତି ସଂସଦ ସମ୍ପାଦକ ପଞ୍ଚାନନ ନାୟକ ସଭାପତିତ୍ୱରେ ଅତିଥି ଭାବେ ଡ଼କ୍ଟର ହରେକୃଷ୍ଣ ନାୟକ, ଡ଼କ୍ଟର ଶ୍ୟାମପ୍ରସାଦ ମିଶ୍ର, ଡ଼କ୍ଟର ସୁଜିତ କୁମାର ପଣ୍ଡା, ଐତିହାସିକ ବୃନ୍ଦାବନ ନାୟକ ଓ ଡ଼କ୍ଟର ସୁରେନ୍ଦ୍ର ନାଥ ନାୟକ ଥିଲେ । ବିଭିନ୍ନ କବିତା ଆବୃତ୍ତି କରିବା ସହ କବିସୂର୍ଯ୍ୟଙ୍କ ଜୀବନ ଚର୍ଚ୍ଚା କରିଥିଲେ । କବି, କବୟିତ୍ରୀଙ୍କୁ ଡାକ୍ତର ଆଶୁତୋଷ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନ ଶିକ୍ଷକ ଡକ୍ଟର ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ବାଇକ୍ ଚୋରି କରି କବାଡ଼ିଆକୁ ବିକି ଦେଲେ; ୪ ଗିରଫ

**ଖଲ୍ଲିକୋଟ,୨୪ ।୩(ସମିସ):** ଖଲ୍ଲିକୋଟ ଥାନା ଅଞ୍ଚଳରୁ ଦୁଇଟି ବାଇକ ଚୋରି କରି ଖୋର୍ଦ୍ଧା ଜିଲ୍ଲା ବାଣପୁର ଗ୍ୟାରେଜରେ ବିକ୍ରି କରିଦେଲା ଚୋର, ଆଉ ଗ୍ୟାରେଜ ମାଲିକ ଗାଡି ଗୁଡିକୁ ଖଣ୍ଡ ଖଣ୍ଡ କରି କାଟି କବାଡ଼ିଆ ବାଲାଙ୍କୁ ବିକ୍ରି କରିଦେଲା । ଖଲ୍ଲିକୋଟ ପୁଲିସ ତଦନ୍ତ କରି ଚୋର, ଗ୍ୟାରେଜ ମାଲିକ ସମେତ ୪ ଜଣଙ୍କୁ ଗିରଫ କରିଛି ଏବଂ କବାଡ଼ିଆ ଠାରୁ ଖଣ୍ଡ ବିଖଣ୍ଡିତ ଗାଡିର ପାର୍ଟସ ଗୁଡିକୁ ଜବତ କରିଛି । ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରାପଲ୍ଲୀ ଗ୍ରାମର ଏମ. ତ୍ରିନାଥ ପାତ୍ରଙ୍କ ଟିଭିଏସ ଏକ୍ସଏଲ ମୋପେଡ ଗାଡି ଚୋରି ହୋଇ ଯାଇଥିଲା । ତ୍ରିନାଥ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିବା ପରେ ଥାନା କେସନଂ ୨୦୪/୨୦୨୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ସେହିପରି ଗତ ୨୧ ତାରିଖରେ କହ୍ନେଇପୁର ଗ୍ରାମର ପ୍ରଶାନ୍ତ କୁମାର ବିଷୋୟୀଙ୍କ ସ୍ପ୍ଲେଣ୍ଡର ବାଇକଟି ଚୋରି ହୋଇ ଯାଇଥିଲା । ଏ ସମ୍ପର୍କରେ ପ୍ରଶାନ୍ତ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲେ । ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଗାଡି ଚୋରି କରିଥିବା ଅଭିଯୋଗରେ ମାଣିକପୁର ଗ୍ରାମର ପ୍ରଦୀପ କୁମାର ଜେନାଙ୍କୁ ଗିରଫ କରି ପଚରାଉଚୁରା କରିଥିଲେ । ପ୍ରଦୀପ ଗାଡି ଦୁଇଟି ଚୋରି କରି ଖୋର୍ଦ୍ଧା ଜିଲ୍ଲା ବାଣପୁରର ଏକ ଗ୍ୟାରେଜରେ ବିକ୍ରି କରି ଦେଇଥିବା ଜାଣିବା ପରେ ପୁଲିସ ଗ୍ୟାରେଜ ମାଲିକ ବାଲୁଗାଁର ରାମଚନ୍ଦ୍ର ଚଣ୍ଡକୁ ଗିରଫ କରି ପଚରା ଉଚୁରା କରିଥିଲେ । ତେବେ ଗ୍ୟାରେଜ ମାଲିକ ରାମଚନ୍ଦ୍ର ଗାଡି ଦୁଇଟିକୁ କାଟି କବାଡ଼ିଆବାଲାଙ୍କୁ ବିକ୍ରି କରି ଦେଇଥିଲା । ପୁଲିସ କବାଡ଼ିଆବାଲା ବାଙ୍କିର ବତିଶ ପାଇକରାୟ ଓ ବେଗୁନିଆର ଅନନ୍ତ ବାହୁବଳେନ୍ଦ୍ରଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗାଡ଼ିର ପାର୍ଟସ ଗୁଡିକୁ ଜବତ କରିଥିବା ଥାନାଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

### ବେଲଗୁଣ୍ଠାରେ ଗ୍ୟାସ୍ ମାଫିଆଙ୍କ ରାଜ୍

## ଖାଉଟିଙ୍କୁ ଦୁର୍ବ୍ୟବହାର, ଶୋଇଛି ଯୋଗାଣ ବିଭାଗ

**ବେଲଗୁଣ୍ଠା,୨୪ ।୩(ସମିସ):** ବେଲଗୁଣ୍ଠା ଅଞ୍ଚଳରେ ଗ୍ୟାସ୍ ଯୋଗାଣ ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଗୋଟିଏ ପଟେ ସ୍ଥାନୀୟ ବିତରଣ କେନ୍ଦ୍ରର ମନମାନୀ ଓ ଅନ୍ୟପଟେ ବାହାର ଅଞ୍ଚଳରୁ ଆସି ଚଢ଼ା ଦରରେ ଗ୍ୟାସ୍ ବିକ୍ରି ହେଉଥିଲେ ମଧ୍ୟ ସ୍ଥାନୀୟ ଏମ୍‌ଆଇଙ୍କ ଦେଖା ନମିଳିବା ଘଟଣା ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ବେଲଗୁଣ୍ଠା ସ୍ଥିତ କେଏସୟୁବି ଗ୍ୟାସ୍ ବିତରଣ କେନ୍ଦ୍ର ନିଜର ଇଚ୍ଛା ମୁତାବକ ଦିନ ୧୨ଟାରେ ଖୋଲୁଛି । ପ୍ରଚଣ୍ଡ ଖରାରେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ହେବା ପରେ ଗ୍ରାହକଙ୍କୁ ମିଳୁଛି କେବଳ ନିରାଶା । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଯଦି କେହି ଗ୍ରାହକ ବିଳମ୍ବର କାରଣ ପଚାରୁଛନ୍ତି, ତେବେ ତାଙ୍କୁ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଠାରୁ ଅତ୍ୟନ୍ତ ଅସଭ୍ୟ ଓ ଦୁର୍ବ୍ୟବହାର ସହିବାକୁ ପଡୁଛି । ଆସ୍କା ବ୍ଲକ୍‌ର ନିମିନା ଅଞ୍ଚଳରୁ ଭାରତ ଗ୍ୟାସ୍ ଗାଡ଼ି ଆସି ବେଲଗୁଣ୍ଠାର ଗୋବରା ଓ ଗାଙ୍ଗପୁର ଅଞ୍ଚଳରେ ଖୁଲମଖୁଲା ଚଢ଼ା ଦରରେ ଗ୍ୟାସ୍ ବିକ୍ରି କରୁଛନ୍ତି ।



ନିୟମ ଅନୁଯାୟୀ ଏହା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ, କାହା ଛତ୍ରଛାୟା ତଳେ ଏହି କଳାବଜାରୀ ଚାଲିଛି, ତାହା ଏବେ ବଡ଼ ପ୍ରଶ୍ନ । ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିବା ପାଇଁ ଉଦ୍ଦିଷ୍ଟ ବେଲଗୁଣ୍ଠା ଏମ୍‌ଆଇ ଏବେ ନିଖୋଜ ଥିବା ଭଳି ମନେହେଉଛି । ତାଙ୍କର ଡ୍ୟୁଟି ସମୟ ଦିନ ଗୋଟାଏରୁ ଆରମ୍ଭ ହେଉଛି ବୋଲି ଶୁଣାଯାଉଥିବା ବେଳେ, ଅଫିସ୍‌ରେ ତାଙ୍କର ଦର୍ଶନ ମିଳିବା କଷ୍ଟକର ହୋଇପଡ଼ିଛି ତା ସହିତ ଫୋନ୍ ବି ରିସିଭ୍ ନ କରିବା ଭଳି ଅଭିଯୋଗ ଆସିଛି । ଖାଉଟିଙ୍କ ସମସ୍ୟା ପ୍ରତି ଏଭଳି ବେପରୁଆ ମନୋଭାବ ପ୍ରଶାସନର "ସ୍ୱଚ୍ଛତା' ଉପରେ ଏକ ବଡ଼ କଳଙ୍କ । ଏନେଇ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରି ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଆସିକା ଉପଖଣ୍ଡ ଚିକିତ୍ସାଳୟ ପୁରସ୍କୃତ

**ଆସିକା,୨୪ ।୩(ସମିସ):** ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତରେ ଆସିକା ଏସଡିହେଚ ପୁରସ୍କୃତ ହୋଇଛି । ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମରେ ସିଡିଏମ ଡାକ୍ତର ଭବାନୀ ଶଙ୍କର ମିଶ୍ର, ବିଏମସି କମିଶନର ଏ ସସ୍ୟା ରେଡି, ବିଏମସି ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଅବନୀ ମିଶ୍ର, ଜିଲ୍ଲା ସଂଯୋଜକ ବିଦେଶୀ ଜେନା ପ୍ରମୁଖ ଉପସ୍ଥିତ ରହି ଯକ୍ଷ୍ମା ମୁକ୍ତ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କ୍ଷେତ୍ରରେ ଆସିକାକୁ ଶ୍ରେଷ୍ଠ ଏସଡିହେଚ ରୂପେ ପୁରସ୍କୃତ କରିଛନ୍ତି । ଏହି ଅବସରରେ ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ବାଲ ଗୋପାଳ ବେହେରା, ବରିଷ୍ଠ ଯକ୍ଷ୍ମା ପରିଦର୍ଶିକା ସଂଗୀତା ସ୍ୱାଇଁ ଉପସ୍ଥିତ ରହି ମାନପତ୍ର ଏବଂ ସିଲ୍ ଗ୍ରହଣ କରିଛନ୍ତି । ଗତ ବର୍ଷ ଆସିକା ମେଡିକାଲ ଅଧୀନରେ ମୋଟ ୩୨୮ ଜଣ ଯକ୍ଷ୍ମା ରୋଗୀଙ୍କୁ ସଅଳ ଚିହ୍ନଟ କରିବା ସହ ଆଶା କର୍ମୀ ମାନଙ୍କ ଦ୍ୱାରା ୩୧୭ ଜଣ ରୋଗୀଙ୍କୁ ନିୟମିତ ଔଷଧ ସେବନ ଏବଂ ବିଭିନ୍ନ ବଦାନ୍ୟ ବ୍ୟକ୍ତି ଠାରୁ ପୃଷ୍ଟିକର ଖାଦ୍ୟ ଯୋଗାଇ ଯକ୍ଷ୍ମା ମୁକ୍ତ କରାଯାଇଛି ।



ସକାଳ THE SAKALA



ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା

# ତୃତୀୟ ପାଳିରେ ମା'ଙ୍କର ସରସ୍ୱତୀ ବେଶ

ପୁରୁଷୋତ୍ତମପୁର,୨୪ ।୩(ସମିସ):

ଆଜିଥିଲା ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରାଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରାର ତୃତୀୟ ପାଳି। ଖରାକୁ ଖାତିରି ନକରି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ପାଳିରେ ଦେବୀ ସରସ୍ୱତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସୋମବାର ଅପରାହ୍ନ ଠାରୁ ମା'ଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ରାତ୍ରି ସମୟର ଆଲୋକମାଳା, ସକାଳ ସମୟର ମନ୍ଦିର ସହ ଚତୁ ପାଶ୍ୱର୍ ବିଭିନ୍ନ ଫୁଲରେ ସୁସଜ୍ଜିତ ଅତି ସୁନ୍ଦର ପରିବେଶରେ ମା ଆଜି ସରସ୍ୱତୀ ବେଶରେ ଦର୍ଶନ ଦେଇଥିଲେ। ଯାତ୍ରାକୁ ଦୃଷ୍ଟିରେ ରଖି ସେବାୟତମାନେ ଦୈନନ୍ଦିନ ନୀତିକାନ୍ତି ସମୟ ପରିବର୍ତ୍ତନ କରି ରାତ୍ର ସାଢେ ଗୋଟେରେ ଦ୍ୱାରା ଫିଟା ନୀତି କରିଥିଲେ। ପରେ ମଙ୍ଗଳ ଆଳତୀ, ଅବକାଶ ,ମାଜଣା,





ସିଙ୍ଗାର ବିଧି ଓ ଫଳ ଭୋଗ କରାଇବା ପରେ ଘଟ ପରିକ୍ରମା ହୋଇଥିଲା। ମା'ଙ୍କୁ ଭୋଗଲଗା ଯିବାପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ସାଢେ଼୪ଟାରେ ସାହାଣମେଲା କରାଯାଇଥିଲା। ମଧ୍ୟରାତ୍ରରୁ ଅପେକ୍ଷାରତ ଶ୍ରଦ୍ଧାଳୁ ମାନେ ଅଭିଷ୍ଟ ପୂରଣ ନିମିତ୍ତ ନିଜ ସନ୍ତାନ ସନ୍ତତିଙ୍କ ମୁଣ୍ଡନ କରାଇଥିଲେ। ମୁଣ୍ଡନ ପାଇଁ ୪ଟି ମୁଣ୍ଡନ କେନ୍ଦ୍ରରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଶିଶୁ ମୁଣ୍ଡନ ହୋଇଥିଲେ। ମା'ଙ୍କ ଦର୍ଶନ ନିମନ୍ତେ ୨୦ଟି ବସ୍ ବ୍ୟବସ୍ଥା କରାଯାଇଥିଲା। ରୋପୱେ ଓ ପାହାଡ ଉପରକୁ ଯିବା ପାଇଁ ପାହାଚ ରାସ୍ତାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ମା'ଙ୍କ ଯାତ୍ରାର ଦୃଶ୍ୟ ଦେଖିବା ପାଇଁ ଏଲଇଡିର ବ୍ୟବସ୍ଥା କରାଯାଇଥିଲା। ଭୋଗ ଥାଳି ଧରି ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁ ମାନେ ଲମ୍ବା ଧାଡ଼ି ରହିଥିବା ଲକ୍ଷ୍ୟ କରାଯାଇଥିଲା। ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ପ୍ରସାଦ ସାରି ଫେରିଯାଇଥିବା ବେଳେ ଅନେକ ଯାତ୍ରୀ ମାନସିକ ପାଇଁ ମନ୍ଦିର ପାଦଦେଶରେ, ହାଣ୍ଡିଘର ତୋଟାରେ ରୋଷେଇ କରି ବନ୍ଧୁବାନ୍ଧବଙ୍କ ଗହଣରେ ଭୋଜିଭାତର ମଜା ନେଇଥିଲେ। ଯାତ୍ରାର ସୁପରିଚାଳନା ନିମନ୍ତେ ଗଞ୍ଜାମ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଅନ୍ୟ ବରିଷ୍ଠ ଅଧିକାରୀ ତଦାରଖ କରୁଥିଲେ। ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ପକ୍ଷରୁ ଦହି ପଣା, ନବାତ ପଣା ଆଦି ପ୍ରଦାନ କରାଯାଉଥିଲା। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ବିଡିଓ ଶରତ କୁମାର ରାଉ, ପୁରୁଷୋତ୍ତମପୁର ତହସିଲଦାର ତଥା ମନ୍ଦିର ନିର୍ବାହୀ ଅଧିକାରୀ ବିନୋଦ କୁମାର ବେହେରା, ଅତିରିକ୍ତ ତହସିଲଦାର କେ. ଶୁଭାଶିଷ ମହାପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଏସଡିପିଓ ସୃଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠୀ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଯାତ୍ରାକୁ ତଦାରଖ କରୁଥିଲେ।

# ଯୁବତୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର,୨୪ ।୩(ସମିସ): ସ୍ଥାନୀୟ ଟାଉନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତି ତାଙ୍କୁ ବଳାତ୍କାର କରି ଆସୁଥିବା ବେଳେ ସେକ୍ସ ରାକେଟରେ ନିୟୋଜିତ ପାଇଁ ବାଧ୍ୟ

- ରାକେଟରେ ସାମିଲ ହେବାକୁ କରାଯାଉଥିଲା ବାଧ୍ୟ
- ଶକ୍ତି ସଦନରୁ ଭିଡିଓ ଭାଇରାଲ କରି ସହାୟତା ମାଗିଲେ ପୀଡ଼ିତା

କରାଯାଉଥିବା ନେଇ ସେ ଗୁରୁତର ଅଭିଯୋଗ ଆଣିଛନ୍ତି। ଏପରିକି ଏଥିରେ ତାଙ୍କ ପରିବାର ଲୋକଙ୍କ ହାତ ଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ତାଙ୍କର ଦସ୍ତଖତ ନକଲ କରି ପୁଲିସ ଓ କୋର୍ଟରେ କାଗଜପତ୍ର ଦାଖଲ କରାଯାଇଛି। ମହିଳା ଥଇଥାନ କେନ୍ଦ୍ର ଶକ୍ତି ସଦନ ଭିତରେ ଥିବାବେଳେ ଯୁବତୀ ଜଣକ ଭିଡିଓ ଜାରି କରି ସହାୟତା ଲୋଡିବା ସହ ନ୍ୟାୟ ଦାବି କରିଛନ୍ତି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯୁବତୀଜଣକ ନିଜ ଅଭିଯୋଗପତ୍ର ଏବଂ ତାଙ୍କୁ କିଭଳି ଯୌନ ନିର୍ଯାତନା ଦିଆଯାଉଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଏକ ନିର୍ଦ୍ଦିଷ୍ଟ ଇନଷ୍ଟାଗ୍ରାମ ଆକାଉଣ୍ଟ ଜରିଆରେ ପୋଷ୍ଟ କରିଛନ୍ତି। ତାଙ୍କର ଏହି ଭିଡିଓକୁ ଲକ୍ଷାଧିକ ଲୋକ ଦେଖି ସାରିଥିବା ବେଳେ ୫୩୨୦ଜଣ ସେୟାର ମଧ୍ୟ କରିସାରିଥିବା ଜଣାପଡିଛି। ସେହିପରି ଯୁବତୀଙ୍କୁ ନ୍ୟାୟ ଦାବି କରି ଅନେକ ଲୋକ ସେଥିରେ କମେଣ୍ଟ ମଧ୍ୟ ଦେଇଛନ୍ତି। ଯୁବତୀଙ୍କ ଅଭିଯୋଗ ପ୍ରକାରେ, ଆଜକୁ ୨ବର୍ଷ ଧରି ଜଣେ ପରିଚିତ ବ୍ୟକ୍ତି ତାଙ୍କ ସହ ଶାରିରିକ ସମ୍ପର୍କ ରଖି ଆସୁଛନ୍ତି। ସଂପୃକ୍ତ ବ୍ୟକ୍ତି ଜଣକ ପରିବାର ଲୋକଙ୍କୁ ଟଙ୍କା ଦେବା ସହ ବିଭିନ୍ନ ପ୍ରକାର ସହଯୋଗ କରି ମୁହଁ ବନ୍ଦ କରି ଦେଉଛନ୍ତି। ଯୁବତୀ ଜଣକ ସଂପୃକ୍ତ ବ୍ୟକ୍ତିଙ୍କ ନିକଟକୁ ଯିବାକୁ ଚାହୁଁନଥିଲେ ହେଁ ପରିବାର ଲୋକେ ଜବରଦସ୍ତି ତାଙ୍କୁ ପଠାଉଥିଲେ। ଉକ୍ତ ବ୍ୟକ୍ତି ଜଣକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଅନ୍ୟ ଲୋକଙ୍କ ସହ ସମ୍ପର୍କ ରଖିବାକୁ କୁଆଡେ ବାଧ୍ୟ କରୁଥିଲେ। ଏଥିରେ ପ୍ରତିବାଦ କଲେ ତାଙ୍କୁ ମାରପିଟ କରିବା ସହ ବିଭିନ୍ନ ପ୍ରକାର ଧମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଘଟଣାକୁ ନେଇ ଯୁବତୀ ଜଣକ ଗତ ୧୫ତାରିଖରେ ଟାଉନ ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ବୟାନ ରେକର୍ଡ କରିବା ସହ ଏମକେସିଜିକୁ ନେଇ ଡାକ୍ତରୀ ମାଇନା କରାଇଥିଲା। ଏହାପରେ ସଂପୃକ୍ତ ଯୁବତୀଙ୍କୁ ନେଇ ଶକ୍ତି ସଦନରେ ରଖାଯାଇଛି। ତେବେ ଯୁବତୀ ଜଣକ ନିଜ ପୁରୁଷବନ୍ଧୁ ଏବଂ ଓକିଲଙ୍କ ଜରିଆରେ ମାମଲା ଲଢିବାକୁ ଚାହୁଁଥିବା ବେଳେ ପୁଲିସ ଅଧିକାରୀ ସହଯୋଗ କରୁନଥିବା ପିଡିତା ଅଭିଯୋଗ କରିଛନ୍ତି।

## ଭୋଟର ତାଲିକା ସଂଶୋଧନ ପ୍ରଶିକ୍ଷଣ

ଆସିକା,୨୪ ।୩(ସମିସ): ଆସିକା ବ୍ଲକ ସଭା ଗୃହରେ ଭୋଟର ତାଲିକା ସଂଶୋଧନ ନେଇ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ ତହସିଲଦାର ସଂଗୀତା ସେନ ଓ ଅତିରିକ୍ତ ଉପ ଜିଲ୍ଲାପାଳ ତୁଲିୟାନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦୁଇଟି ପର୍ଯ୍ୟାୟରେ ୧୫୨ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭୋଟର ମାନଙ୍କ ସଠିକତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦିଷ୍ଟ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଭୋଟର ତାଲିକାର ଏକ ପୁଙ୍ଖାନୁପୁଙ୍ଖ ଯାଞ୍ଚ ଅନ୍ତର୍ଭୁକ୍ତ କରେ, ପ୍ରାୟତଃ ବୁଥ୍ ସ୍ତରୀୟ ଅଧିକାରୀ ଦ୍ୱାରା ଘର ଘର ଗଣନା ଆବଶ୍ୟକ କରିଥାଏ।

## ଉପଖଣ୍ଡସ୍ତରୀୟ ଏସଆଇଆର ତାଲିମ କାର୍ଯ୍ୟକ୍ରମ

ଭଞ୍ଜନଗର,୨୪ ।୩(ସମିସ): ସ୍ଥାନୀୟ ବ୍ଲକ୍ ସମ୍ମିଳନୀ କକ୍ଷରେ ଭଞ୍ଜନଗର ଉପଖଣ୍ଡ ସ୍ତରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ସମସ୍ତ ବୁଥ୍ ଲେଭେଲ ଅଫିସର(ବିଏଲଓ) ଓ ବିଏଲଓ ସୁପରଭାଇଜର ଉପସ୍ଥିତ ରହି ଏହି "ସ୍ୱତନ୍ତ୍ର ସଘନ ସଂଶୋଧନ" (ଏସଆଇଆର) ବିଷୟରେ ଏହି ବିସ୍ତୃତ ତାଲିମ ନେଇଥିଲେ। ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ ରେ ମୋଟ ୧୩୯ ଜଣ ବିଏଲଓ ଏବଂ ୧୩ ଜଣ ବିଏଲଓ ସୁପରଭାଇଜର ଯୋଗଦେଇ ନୂତନ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ବିଏଲଓ ଏବଂ ବିଏଲଓ ସୁପରଭାଇଜର ମାନେ ମଧ୍ୟ ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର ଏବଂ ପ୍ରାକ୍ଟିକାଲ୍ ମାଧ୍ୟମରେ ତାଲିମର ସ୍ପଷ୍ଟତା ପ୍ରାପ୍ତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରୁଚିତା ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ତହସିଲଦାର ଅଭିସ୍ମା ପଟ୍ଟନାୟକ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଏସଆଇଆର ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଭଞ୍ଜନଗର ଉପଖଣ୍ଡର ଜଗନ୍ନାଥପ୍ରସାଦ ବ୍ଲକ, ସୋରଡା ଓ ଆସ୍କା ବ୍ଲକରେ ମଧ୍ୟ ଆୟୋଜନ ହୋଇଛି।

## ଦଣ୍ଡଯାତ୍ରା ପାଇଁ ସଚେତନ କଲା ପୁଲିସ

ଭଞ୍ଜନଗର,୨୪ ।୩(ସମିସ): ଆଗକୁ ଆସୁଛି ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡଯାତ୍ରା। ଏହାର ଅବ୍ୟବହିତ ପୂର୍ବରୁ ଶାନ୍ତି ଶୃଙ୍ଖଳାରେ ଯାତ୍ରା କରିବା ପାଇଁ କଣ ରହିବ ନୀତି ନିୟମ ସେସମ୍ପର୍କରେ ଭଞ୍ଜନଗର ପୁଲିସ ପକ୍ଷରୁ ଗାଇଡ଼ ଲାଇନ ଜାରି କରାଯାଇଛି। ଏହି ଯାତ୍ରା ସମୟରେ ପାରମ୍ପରିକ ରୀତିନୀତି ସହ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବର୍ତ୍ତମାନ ଆଧୁନିକ ନୃତ୍ୟ ଓ ସଙ୍ଗୀତର ଚାହିଦାକୁ ଦେଖି ସେସବୁରେ ପରିବର୍ତ୍ତନ ଘଟିଛି। କିଛି ସ୍ଥାନରେ ଅଶ୍ଳୀଳତାକୁ ନେଇ ବିଶୃଙ୍ଖଳା ସୃଷ୍ଟି ହେଉଥିବାରୁ ତାହାକୁ ରୋକିବାକୁ ପୋଲିସ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଚଳିତ ବର୍ଷ ଯେଭଳି ଅଶ୍ଳୀଳତାକୁ ବାଦ ଦିଆଯିବ ଏବଂ ଆଇନଶୃଙ୍ଖଳା ପ୍ରତି ସମସ୍ତ ଦଣ୍ଡଯାତ୍ରା କମିଟି ସଚେତନ ରହିବେ ସେନେଇ ମଙ୍ଗଳବାର ଭଞ୍ଜନଗର ଥାନା ପରିସରରେ ଏକ ବୈଠେକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଯାତ୍ରା କମିଟି ଅଧିକାରୀଙ୍କ ଉପସ୍ଥିତିରେ ଅଶ୍ଳୀଳତାକୁ ଯେଭଳି ପ୍ରଶ୍ରୟ ଦିଆଯିବ ନାହିଁ ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ତୁରନ୍ତ ପୁଲିସକୁ ଜଣାଇବା ଏବଂ ଆଇନକୁ ହାତକୁ ନ ନେବାକୁ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି। ଏଥିରେ ଏସ୍ଆଇ ଜ୍ୟୋସ୍ନାମୟୀ ସାହୁ, ଏଏସ୍ଆଇ ବିଦେଶୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଦଣ୍ଡଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଯକ୍ଷ୍ମା ଦିବସରେ ରେଡିଓଗ୍ରାଫର ସମ୍ମାନିତ



ପାତ୍ରପୁର,୨୪ ।୩(ସମିସ): ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ଶାସ୍ୟା ରେଡ୍ଡୀ, ସିଡିଏମ୍‌ଓ ଭବାନୀ ଶଙ୍କର ମିଶ୍ର ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପାତ୍ରପୁର ଅଞ୍ଚଳରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ସମ୍ବିତ ବେଗରାୟଙ୍କ ନେତୃତ୍ୱରେ ତଥା ଏସ.ଟି.ଏସ ଶ୍ରୀ ବି. ସୁଧାକର ପାତ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିଛି। ଜିଲ୍ଲାରେ ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରେଡିଓଗ୍ରାଫର ଜିନୀୟସ ପରିଡ଼ାଙ୍କୁ ପ୍ରଶଂସାପତ୍ର ଜିଲ୍ଲା ପ୍ରଶାସନ ତରଫରୁ ପ୍ରଦାନ କରାଯାଇଛି। ନିଷ୍ଠାର ସହ କାର୍ଯ୍ୟ କରି ଜିନୀୟସ ପୂର୍ବରୁ ଅନେକ ଥର ସମ୍ମାନିତ ହେବା ସହ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି।

## ପୂର୍ବ ସୈନିକ ସଂଘର ପରାମର୍ଶ ଓ ମତାମତ ବୈଠକ

ରାଇକିଆ,୨୪।୩(ସମିସ): ରାଇକିଆ ପୂର୍ବ ସୈନିକ ସଂଘର ପରାମର୍ଶ ଓ ମତାମତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଲଳିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ୍ବେଦକର ବିଚାର ମଞ୍ଚ ରାଇକିଆ ସଭାପତି ଲକ୍ଷ୍ମଣ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଯେଉଁ ଯୁବପିଢ଼ିମାନେ ଶିକ୍ଷା ତ୍ୟାଗ କରି ନିଶା ସେବନ କରି ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି ସେମାନଙ୍କୁ ସଚେତନ କିପରି କରାଯିବ ଏବଂ ସୈନ୍ୟବାହିନୀ କିମ୍ବା ପୁଲିସରେ ଯୋଗ ଦେଇ



ଦେଶ ସେବା କରିବାକୁ ଶାରୀରିକ ପ୍ରଶିକ୍ଷଣ ଦେବା ପାଇଁ ମତ ପ୍ରକାଶ ପାଇବା ସହ ଗୋଟିଏ ଟ୍ରେନିଂ ଗ୍ରାଉଣ୍ଡ କିପରି ସରକାରଙ୍କ ଠାରୁ ପାଇହେବ ସେହି ବିଷୟରେ ଆଲୋଚନା ପାଇଁ କାର୍ଯ୍ୟକ୍ରମ କରାଯାଇଥିଲା। ଏ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ଅବସରରେ ରାଇକିଆ ବ୍ଲକର ବହୁ ସରପଞ୍ଚ, ସମିତିସଭ୍ୟ, ସମାଜସେବୀ ଏବଂ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ବୈଠକ ପରିଚାଳନା କରିଥିଲେ। ଶେଷରେ ଉପସଭାପତି ଦାମୋଦର ପ୍ରଧାନ ଉପସ୍ଥିତ ଅଥିତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ଛତ୍ରପୁର,୨୪ ।୩(ସମିସ): ସ୍ଥାନୀୟ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁନିସିପେଣ୍ଟ ଠାରେ ବିଶ୍ୱ ଯକ୍ଷ୍ମା ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ୍ ସଂଗ୍ରାମଜିତ୍ ସାହୁ, ବ୍ଲକ ଉପାଧକ୍ଷା ଏସ୍ ସାରଦା ରେଡୀ, ପୋଟଲାମପୁର



ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ରିଲାନ୍ସ ଫାଉଣ୍ଡେସନ ଅଧୀକ୍ଷକ ମୋଚିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷିକ ଡ଼ା. ସ୍ୱାଧୀନ ରଥଙ୍କ ପୌରହିତ୍ୟରେ ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ, ବ୍ଲକ୍ ଯକ୍ଷ୍ମା ନିରୀକ୍ଷକ ପ୍ରଭାତ କୁମାର ସାହୁ, ଏସଟିଏଲଏସ ପ୍ରଦୀପ କୁମାର ଓଁକାର, ଅମ୍ବିକା ପ୍ରସାଦ ଚୌଧୁରୀ, ବିଶିକେଶନ ଦାସ, ମୁନିସିପେଣ୍ଟ ସେକ୍ଟରର ସମସ୍ତ ସିଏଚଓ, ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶା କର୍ମୀଙ୍କ ସହଯୋଗରେ ପାଳନ କରାଯାଇଥିଲା ଏବଂ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଗଙ୍ଗାପୁରରେ ଯକ୍ଷ୍ମା ସଚେତନ କାର୍ଯ୍ୟକ୍ରମ ୩ଟି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା (ଆଦିତ୍ୟ କୁମାର ପାତ୍ର, ପି.ଲଳିତା ପାତ୍ର ଓ ମଧୁସ୍ମିତା ସାସମଲ)। ଆଗାମୀ ଦିନରେ ଟାଙ୍ଗଣାପଲ୍ଲି ପଞ୍ଚାୟତର କେ.ଟି. ଏନ୍‌ପୁର ଓ ରାମପଲ୍ଲି ଗ୍ରାମକୁ ଯକ୍ଷ୍ମା ରୋଗରୁ ନିରାକରଣ କରିବା ପାଇ ବିଡିଓ ଶ୍ରୀ ସାହୁ ଏହି କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦେଇଥିଲେ। ଏବଂ ଅଧିକ୍ଷିକ ଡ଼ା ସ୍ୱାଧୀନ ରଥ ମୁଖ୍ୟତଃ ଯକ୍ଷ୍ମା ରୋଗର ଭୟାଭହତା ଏବଂ ନିରାକରଣ ପାଇଁ ଆଗାମୀ ଦିନରେ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ୨.୦ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କର ଏକ୍ସରା ସାଇ ଟିବି ଏବଂ ସେମାନଙ୍କ କଫ ପରୀକ୍ଷା ଦ୍ୱାରା ପୁର୍ନବାର ଭାବରେ ଟିବି ଚିହ୍ନଟ କରାଯିବ ଏବଂ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୯ଟି ପଞ୍ଚାୟତ ଯକ୍ଷ୍ମା ମୁକ୍ତ ହୋଇଥିବା ବେଳେ ଆଉ ୯ଟି ପଞ୍ଚାୟତକୁ ଆଗାମୀ ଦିନରେ ଯକ୍ଷ୍ମା ମୁକ୍ତ କରିବେ ବୋଲି ପ୍ରତଶ୍ରୁତି ଓ ନିଷ୍ପତି ନେଇଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଞ୍ଜନଗର,୨୪ ।୩(ସମିସ): ଭଞ୍ଜନଗର ବ୍ଲକର ଜିଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ରଞ୍ଜିତ କୁମାର ଆରୁଖ, ସମିତି ସଭ୍ୟ ରଣବିଜୟ ପ୍ରଧାନ, ସିଆରସିସି କାଳୀଚରଣ ସାହୁ, ପରିଚାଳନା କମିଟ ଅଧ୍ୟକ୍ଷା ରୁଜିତା ନାୟକ, ୱାର୍ଡ ସଭ୍ୟା ସୁନିତା କୁମାରୀ ନାୟକ, ଗ୍ରାମ ସଭାପତି ମହେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୁଡିଆମ୍ବା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଂଜୟ କୁମାର ପ୍ରଧାନ, ବିଇଓ ଅଫିସର କର୍ମଚାରୀ ସୁଶୀଲ କୁମାର ସାହୁ ଓ ସୁଧିର କୁମାର ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ପର୍ଶୁରାମ ପରିଡା, ରଞ୍ଜନ କୁମାର ପରିଡା, ନିରଞ୍ଜନ ନାୟକ, ଅଚ୍ୟୁତ ନାୟକ, ପଦ୍ମନାଭ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଗୀତାଞ୍ଜଳୀ ନାୟକ, ପୁଷ୍ପାଞ୍ଜଳୀ ପାତ୍ର, ନିଳି ନାୟକ, ଝୁନୁ ନାୟକ, ଆକାଶ ନାୟକ, ଟୁଙ୍ଗୁରା ନାୟକ ଓ ପ୍ରଶାନ୍ତ ନାୟକ ଓ ପାଚିକା କସ୍ତୁରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଉଗ୍ରତାରାଙ୍କ ମନ୍ଦିର ପ୍ରତିଷ୍ଠା ଓ ଅଖଣ୍ଡ ନାମଯଜ୍ଞ

ବେଲଗୁଣ୍ଠା,୨୪।୩(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଘୁ. ନୂଆଗାଁ ଓ ଧୁମୁଚ୍ଛାଇ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ନବନିର୍ମିତ ଶ୍ରୀ ଶ୍ରୀ ଶ୍ରୀ ମା ଉଗ୍ରତାରାଙ୍କ ମନ୍ଦିର ପ୍ରତିଷ୍ଠା ଓ ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ମହାସମାରୋହରେ ଜାରି ରହିଛି। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁରସ୍ଥିତ ମା ଉଗ୍ରତାରାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇଥିଲା। ଏହି ଆଜ୍ଞାମାଳକୁ ବେଲଗୁଣ୍ଠା ସହର ସମେତ ଘୁ. ନୂଆଗାଁ ଓ ଧୁମୁଚ୍ଛାଇ ଗ୍ରାମ ପରିକ୍ରମା କରାଯାଇ ବଡ଼ନଦୀ ସେତୁ ପାଦଦେଶରେ ନିର୍ମିତ ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ଦିନ ଅଙ୍କୁରାରୋପଣ ଓ ଗର୍ଭାଧାନ୍ୟ ପରି ବିଧି ସମ୍ପନ୍ନ ହୋଇଥିଲା। ବଡ଼ ନଦୀରୁ ଗଙ୍ଗାଜଳ ବରୁଣ ଓ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଭୟ ଗ୍ରାମର ପ୍ରାୟ ୪୦୦ରୁ ଅଧିକ ମହିଳା ମୁଣ୍ଡରେ କଳସ ଧରି ଏକ ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ହୁଳହୁଳି, ହରିବୋଲ ଧ୍ୱନି ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ସକାଳୁ ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ମନ୍ଦିରରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଓ ଚଣ୍ଡୀପାଠ ଆଦି ରୀତିନୀତି ଅନୁସାରେ ଚାଲିଛି। ଆଜି ମଙ୍ଗଳବାର ଅପରାହ୍ନରେ ମହାସ୍ନାନ,ଯଜ୍ଞ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ବୁଧବାର ଦିନ ନାନାଦେବଦେବୀ ହବନ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ରହିଥିବା ବେଳେ, ଗୁରୁବାର (୨୬ ତାରିଖ) ଦିନ ମାଁଙ୍କ ବନ୍ଦାପନା, ନଗର ପରିକ୍ରମା, ସିଂହାସନ ଆରୋହଣ ଏବଂ ପୂର୍ଣ୍ଣାହୁତି ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ପବିତ୍ର ଉତ୍ସବକୁ ଦେଖିବା ପାଇଁ ବେଲଗୁଣ୍ଠା ଓ ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶହ ଶହ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି।

## ମନ୍ଦିର ପ୍ରତିଷ୍ଠା ଲାଗି କଳସ ଯାତ୍ରା



ସାନଖେମୁଣ୍ଡି,୨୩ ।୩(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପଟିଗୁଡା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣପଙ୍କ ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ମା' ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଆରମ୍ଭ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ଜଲମେରିପଲ୍ଲୀ ଘୋଡାହାଡ ନଦୀ ପୀଠରୁ ଶହ ଶହ ମହିଳା ଓ ପୁରୁଷ ମାନେ କଳସୀରେ ଜଳ ଧରି ଏକ ଶୋଭାଯାତ୍ରାରେ ଜକମେରୀପଲ୍ଲୀ, ଭୀଷ୍ମଗିରି, ଫାର୍ଷିବନ୍ଦ, ଏସ.ଟିକରପଡା ଗ୍ରାମ ଦେଇ ବ୍ରାହ୍ମଣପଙ୍କ ଗ୍ରାମରେ ପହଁଚି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ମୂଖ୍ୟ ପୁରୋହିତ ଟୁନା ପାଢ଼ୀଙ୍କ ପୌରହିତ୍ୟରେ ଏହି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ବନଯାଗ, ନାମଅଧିବାସ, ରତ୍ନମୁଦ ଓ ଇନ୍ଦ୍ରାଣୀ ଙ୍କ ପୂଜା, ସାଲା ସଂସ୍କାର, ଅଗ୍ନି ସ୍ଥାପାନ, ଓ ନାମ ଯଜ୍ଞ, ଦେବତା ମହାସ୍ନାନ, ପ୍ରାଣ ପ୍ରତିଷ୍ଠା ଓ ନ୍ୟାସ ଓ ପ୍ରାସାଦ ଅଧିବାସ ଓ ନଗର ପରିକ୍ରମା, ସାଲା ପୂଜା, ହୋମ, ଦେବତା ମନ୍ଦିରେ ପ୍ରବେଶ, ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ ଓ ପୂର୍ଣାହୁତି ଆଦି କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଯାତ୍ରା ସଭାପତି ଗୋବିନ୍ଦ ବାବା ଉପ ସଭାପତି ରାଜେନ୍ଦ୍ର କୁମାର ଗୌଡ଼, ମନ୍ଦିର ପୂଜାରୀ, ମନ୍ଦିର କମିଟି ଓ ପ୍ରତିଷ୍ଠା କମିଟିର ସମସ୍ତ କର୍ମକର୍ତ୍ତା ଓ ବ୍ରାହ୍ମଣପଙ୍କ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ନୂତନ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ବିଧାୟକଙ୍କ ୫୦ ଲକ୍ଷ ଟଙ୍କା ଅନୁଦାନ

ପାରଳାଖେମୁଣ୍ଡି,୨୪ ।୩(ସମିସ): ପାରଳାଖେମୁଣ୍ଡିରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକୁ



ତ୍ୱରାନ୍ୱିତ କରିବା ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ପୂର୍ବରୁ ସେ ଏହି ମନ୍ଦିର ନିର୍ମାଣ ସକାଶେ ଅନୁଦାନ ପ୍ରଦାନ ନିମନ୍ତେ ଘୋଷଣା କରିଥିଲେ। ଜଗନ୍ନାଥ ମନ୍ଦିରରେ ପୃଥକ ପୃଥକ ଭାବେ ୫ ଜଣଙ୍କ ନାମରେ ୧୦ ଲକ୍ଷ ଲେଖାଏଁ ମୋଟ ୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନ ପାଇବା ପରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଶୀଘ୍ର ଆଗେଇବ ବୋଲି ଜଗନ୍ନାଥଙ୍କ ସେବକ ଦୁର୍ଗା ମାଧବ ପାଣିଗ୍ରାହୀ ମତବ୍ୟକ୍ତ କରି ପାରଳା ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପାରଳାରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ପାଣିଗ୍ରାହୀ ହାଇଟେକ ଗ୍ରୁପ ପକ୍ଷରୁ ମଧ୍ୟ ଘରୋଇ ପାଣ୍ଠିରୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ତନୁଜା ଶତପଥୀ ହେପି ମୁମେଣ୍ଟ ଇଣ୍ଡିଆ ଦ୍ୱାରା ସମ୍ବର୍ଦ୍ଧିତ

ପାରଳାଖେମୁଣ୍ଡି, ୨୪।୩ (ସମିସ): ପାରଳାଖେମୁଣ୍ଡି ପ୍ରଗତି ମହିଳା ସଙ୍ଗଠନର ସମ୍ପାଦିକା ତନୁଜା ଶତପଥୀ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ନାରୀ ସଶକ୍ତିକରଣ, ସାମାଜିକ ସେବା, ଲେଖକ ଏବଂ କଣ୍ଠଶିଳ୍ପୀ ଭାବେ ନାରୀ



ସମାଜରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅନ୍ତର୍ଜାତିକ ପୁରସ୍କାର ପାଇଥିବାର ଜଣାପଡିଛି। ଶ୍ରୀମତୀ ଶତପଥୀଙ୍କ ଏପରି ସମ୍ମାନିତକୁ ନେଇ ଗଜପତି ଜିଲ୍ଲାର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ, ସାଂସ୍କୃତିକ ପ୍ରତିଷ୍ଠାନ ସମେତ ଶୁଭାକାଂକ୍ଷୀଙ୍କପକ୍ଷରୁ ତନୁଜା ଶତପଥୀଙ୍କୁ ଅଭିନନ୍ଦନଜଣାଇଛନ୍ତି।

## ଜନଗଣନା ସମ୍ପର୍କିତ ତାଲିମ ଶିବିର

କବିସୂର୍ଯ୍ୟନଗର,୨୪ ।୩(ସମିସ): ୨୦୨୭ ଜନଗଣନା ସମ୍ପର୍କିତ ତାଲିମ ଶିବିର କବିସୂର୍ଯ୍ୟନଗର ପିଏମଶ୍ରୀ ଶ୍ରୀମର୍ଦ୍ଦରାଜ ହାଇସ୍କୁଲ ଗତ ୨୩ ତାରିଖରୁ ଆରମ୍ଭ ହୋଇଯାଇଛି। ଶିବିରରେ ୯୧ ଜଣ ସାମିଲ ହେବା ପାଇଁ ଗଣନାକାରୀ ତାଲିମ ପ୍ରଦାନ କରାଯାଇଛି। ଚାରି ଜଣ ଫିଲଡ ଟ୍ରେନର ଭାବେ ଅଶୋକ କୁମାର ବେହରୁକ, ଅଶୋକ ବେହେରା, ଏବିଡ଼ିଓ ନାରାୟଣ ବେହେରା ଓ ନିରଞ୍ଜନ ମନ୍ତ୍ରୀ ରହିଛନ୍ତି। ବିଲ୍ ପ୍ରସ୍ତୁତ କାରି ସହାୟକ ନୀଳମାଧବ ପ୍ରଧାନ ଓ ବୈଷୟିକ ସହାୟିକା ନିହାରିକା ସାହୁ ଯୋଗ ଦେଇଥିଲେ। ପ୍ରତି ବ୍ୟାଚରେ ୪୬ ଓ ୪୫ ଜଣ ତାଲିମ ନେଇଥିଲେ। ତହସିଲଦାର ଡ଼. ରବୀନ ଚର୍ଚ୍ଚିଲ ମିଶ୍ର ଓ ସହକାରୀ ତହସିଲଦାର ମନ୍ମଥ ବେହେରା ସୂଚନା ପ୍ରଦାନ କରିଛନ୍ତି। ତାଲିମ ପରେ ଜନଗଣନା ଆରମ୍ଭ ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହେବ।

## ସହରାଞ୍ଚଳ ଚିକିତ୍ସାଳୟ ନିରୀକ୍ଷଣ କଲେ ବିଧାୟକ

ପାରଳାଖେମୁଣ୍ଡି, ୨୪ ।୩ (ସମିସ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଭଣ୍ଡାରି ସାହି ରେ ଥିବା ସହରାଞ୍ଚଳ ଚିକିତ୍ସାଳୟ ନୂତନ କୋଠାର ନିର୍ମାଣ ଅତି ନିମ୍ନମାନ ର ହୋଇଥିବା ଶୁଣି ଆଜି ସନ୍ଧ୍ୟା ସମୟରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଗସ୍ତ କରି ନିର୍ମାଣଧିନ କାର୍ଯ୍ୟଗୁଡିକର ନିରୀକ୍ଷଣ କରିଥିଲେ । କୋଠା ଠାରୁ ମୁଖ୍ୟ ଫଳକର ଆକାର ବଡ ହୋଇଥିବାରୁ ବିଧାୟକ କ୍ଷୁବ୍ଧ ହୋଇଥିଲେ । ସେ ସଙ୍ଗେ ସଙ୍ଗେ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଙ୍କୁ ଫନ୍ ମାଧ୍ୟମରେ ସୂଚାଇ ଥିଲେ । ଅତି ଶୀଘ୍ର ଏହାର ତଦାରଖ କରି ସଠିକ୍ ଢଙ୍ଗରେ କାମ କରିବା ସହ ପଦେକ୍ଷପ ନେବାକୁ କହିଥିଲେ । ଏହା ସହ ଚିକିତ୍ସାଳୟରେ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥ ପଚାରି ବୁଝିବା ସହ ରୋଗୀସେବାକୁ ନେଇ ଆଲୋଚନା ମଧ୍ୟ କରିଥିଲେ । ବିଧାୟକଙ୍କ ଏହି ଗସ୍ତ ସମୟ ରେ ସ୍ଥାନୀୟ କାଉଁସିଲର ଉପସ୍ଥିତ ଥିଲେ ।

# ଚୋରା ଖଣିଜ କାରବାର ଉପରେ ଲାଗିଲା ଅଙ୍କୁଶ

ଭଞ୍ଜନଗର,୨୪ ।୩(ସମିସ):

ସ୍ଥାନୀୟ ଉପ ଜିଲ୍ଲାପାଳ ତଥା ଉପ-ଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ୍ ଉମାଶଙ୍କର ବେହେରା ଉପଖଣ୍ଡର କେତେକ ଚୋରା ଖଣିଜ କାରବାର ଉପରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୧୬୩(୨) ଅନୁସାରେ ତୁରନ୍ତ ନିଷେଧାଜ୍ଞା ଜାରି କରିଛନ୍ତି। ମଙ୍ଗଳବାର ଭଞ୍ଜନଗର ଉପଖଣ୍ଡ ପ୍ରଶାସନ, ରାଜସ୍ୱ ଓ ପୁଲିସ ବିଭାଗର ଏକ ମିଳିତ ତଦନ୍ତକାରୀ ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ ଓ ଆସିକା, ଜଗନ୍ନାଥ ପ୍ରସାଦ, ସୋରଡ଼ା, ଶେରଗଡ଼,ବେଲଗୁଣ୍ଠା , ବୁଗୁଡ଼ା, ଧରାକୋଟ ତହସିଲର ଅନେକ ସ୍ଥାନରେ ବ୍ୟାପକ ଭାବେ ବାଲି, ପଥର ଓ ମୋରମ ଚୋରା ଚାଲାଣ ହେଉଥିବା ତଦନ୍ତରେ ଜଣା ପଡିଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ବେଆଇନ କାରବାର



ଉପରେ ନିଷେଧାଜ୍ଞା ଜାରି ହୋଇଥିବା ଉପଜିଲ୍ଲାପାଳ ଉମାଶଙ୍କର ବେହେରା ସୂଚନା ଦେଇଛନ୍ତି। ଆସିକା ତହସିଲ ଅଧୀନ କେନ୍ଦୁପଦର ମୌଜାର ଖାତା ନ. ୬୧୧, ପ୍ଲଟ- ୧୨୮୮,୧୨୮୯ ଓ ୨୪୯୨ ତଥା ଚେରମରିଆ ମୌଜାର ଖଟା ନ. ୩୦୩ ପ୍ଲଟ ୧୩୯୨ ରେ ବେଆଇନ ବାଲିଘାଟ, ଜଗନ୍ନାଥପ୍ରସାଦ ତହସିଲ ଅଧୀନ ଚଢ଼ିଆପଲି ଓ ଗେରଡା ମୌଜାର ଖାତା ନମ୍ବର-୧୦୦୯, ପ୍ଲଟ ସଂଖ୍ୟା ୫୪୩, ଓ ପ୍ଲଟ -୬୮୨ ,ଖାତା -୧୪୬୨ ରେ ବେଆଇନ ବାଲିଘାଟ /ପଥର ଖଣି ଉପରେ ରୋକ ଲାଗିଛି। ସୋରଡ଼ା ତହସିଲ ଅଧୀନ ବି.କୋଟିବଡି ଓ ଖିଲାବଡି ମୌଜାର ଖାତା -୪୭୧ ପ୍ଲଟ -୧୨୯୪ ଓ ଖାତା -୩ , ପ୍ଲଟ -୩୪୨ ବେଆଇନ ବାଲିଘାଟ/ମୋରମ,ଶେରଗଡ଼ ତହସିଲ ଅଧୀନ ବ୍ରହ୍ମଣଛାଇ, ସନ୍ତୋଷପୁର ମୌଜାର ଖାତା -୭୦୨ ପ୍ଲଟ -୧୮୩୩ , ଖାତା -୪୦୨, ପ୍ଲଟ -୨୩୬, ଖାତା -୪୧୭, ପ୍ଲଟ-୪୫ ବେଆଇନ ବାଲିଘାଟ ବୁଗୁଡ଼ା ତହସିଲ ଅଧୀନ କାନସୁକା ଖାତା -୫୪୦ ପ୍ଲଟ -୩୩୭ ବେଆଇନ ପଥର ଖଣି ଭଳି ବିଭିନ୍ନ ସ୍ଥାନରେ ଲାଗିଛି ଅଙ୍କୁଶ। ଏହି ସମସ୍ତ ଅଞ୍ଚଳରେ ବିନା ଅନୁମତିରେ କୌଣସି ପ୍ରକାରର ଖଣିଜ ଖନନ ଓ ପରିବହନ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଏହି ଆଦେଶକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ତହସିଲଦାର, ପୁଲିସ ଏବଂ ଖଣି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଷେଧାଜ୍ଞାର କୌଣସି ପ୍ରକାର ଉଲଂଘନ କରାଯାଇଥିଲେ, ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ ଆଇନ ଅନୁସାରେ କଠୋର ଦଣ୍ଡବିଧାନ ସହ ଫୌଜଦାରୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଦୁର୍ଘଟଣାରେ ୨ ଗୁରୁତର

ପାରଳାଖେମୁଣ୍ଡି,୨୪ ।୩(ସମିସ): କାଶୀନଗର ବ୍ଲକ ତଥା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ନିକଟରେ ଦୁର୍ଘଟଣା ଘଟି ଦୁଇ ଗୁରୁତର ଆହତ ହୋଇଛନ୍ତି। କାଶୀନଗର ଦିଗରୁ ଆସୁଥିବା ଏକ କାର ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକଙ୍କ ସମେତ ବସିଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଉଚ୍ଚ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି। ଗୁରୁତର ହୋଇଥିବା ୨ ଜଣ ହେଲେ କେ.ସୀତାପୁର ଗ୍ରାମର ବି. ଗଣେଶ ଏବଂ ବି.ରାମୁ । ଉଭୟେ ସିଙ୍ଗିପୁର ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଲାଗି ହେଉଥିବା ସଂକୀର୍ତ୍ତନରେ ଯୋଗଦେବାପାଇଁ ଯାଉଥିଲେ। ଦୁର୍ଘଟଣାକୁ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମାମଲା ରୁଜୁ କରାଯିବା ସହ ଉଭୟ ଗାଡିକୁ ଜବତ କରି ତଦନ୍ତ କରାଯାଉଛି।

## ମୁକୁଳା ଡ୍ରେନ୍ ପାଇଁ ଦୁର୍ଘଟଣା



ବ୍ରାହ୍ମଣୀଗାଁ,୨୪।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ବ୍ରାହ୍ମଣୀଗାଁ ସହରର ମୁଖ୍ୟ ରାସ୍ତାକୁ ଓସାରିଆ କରାଯିବା ସହ ଦୁଇ ପାଖରେ ଡ୍ରେନ୍ ବ୍ୟବସ୍ଥା ମଧ୍ୟ କରା ଯାଇଛି। ଗୋଟିଏ ପାଖର ଡ୍ରେନ୍ ଉପରେ ଘୋଡ଼ଣିର ବ୍ୟବସ୍ଥା ମଧ୍ୟ କରା ଯାଇଛି। କିନ୍ତୁ ଅନ୍ୟ ପାଖର ଡ୍ରେନ୍‌ରେ ଘୋଡ଼ଣି ନାହିଁ। ଫଳରେ ସାଧରଣ ଲୋକେ ଜୀବଜନ୍ତୁ ତଥା ଯାନବାହାନ ନିମନ୍ତେ ଏକ ବିପଦସଙ୍କୁଳ ଅବସ୍ଥା ସୃଷ୍ଟି ହୋଇଛି। ଗତ୧୯ ତାରିଖରେ ମୁକୁଳା ଡ୍ରେନ୍ ହେତୁ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ମହିଳା ଡ୍ରେନ୍‌ରେ ପଡ଼ି ଆହତ ହୋଇଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। କେବଳ ମୁଖ୍ୟ ରାସ୍ତାରେ ନୁହେଁ ସହରର ବିଭିନ୍ନ ଡ୍ରେନ୍ ରେ ଘୋଡ଼ଣି ନାହିଁ। ତୁରନ୍ତ ଘୋଡଣି ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

## ବିଶ୍ୱ ଜଳ ଦିବସରେ ସଚେତନତା




ପାରଳାଖେମୁଣ୍ଡି,୨୪ ।୩(ସମିସ): ବିଶ୍ୱ ଜଳ ଦିବସ ପାଳନ ଅବସରରେ ଆଜି ପାରଳାଖେମୁଣ୍ଡି ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଳ ସଂରକ୍ଷଣ ଓ ଜଳ ବ୍ୟବହାର ବିଷୟରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଭିଲ୍ କୋର୍ଟର ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ସମାଜସେବୀ ମନୋଜ ଦାଶ, ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ମହେନ୍ଦ୍ର ରଇତ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣର ଆବଶ୍ୟକତା ଏବଂ ଦୈନିକ ଜୀବନରେ ଜଳର ସଠିକ୍ ବ୍ୟବହାର କରିବା ପାଇଁ ବକ୍ତବ୍ୟ ରଖିଥିଲେ।

## ୨ ଦିନରେ ୪୦୫୬ କେଜି ଗଞ୍ଜେଇ ଜବତ



ବାଲିଗୁଡା,୨୪।୩(ସମିସ): ବାଲିଗୁଡ଼ା ପୁଲିସ ପାଇଁ ପୁଣି ଏକ ବଡ଼ ସଫଳତା। ଦୁଇ ଦିନରେ ୪୦୫୬ କେଜି ବେଆଇନ ଗଞ୍ଜେଇ ଜବତ କରିଛି ପୁଲିସ୍। ଏସପି ହରିଶ୍ ବିଶିଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ନେଇ ବିଭିନ୍ନ ଥାନା ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଚଢ଼ଉ ଜାରି ରହିଛି। ସୂଚନା ମୁତାବକ ଗତ ରବିବାର ସନ୍ଧ୍ୟାରେ ପୁଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଡାକା ଅଞ୍ଚଳରେ ପୁଲିସର ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରି ଗଚ୍ଛିତ ଥିବା ୨୦୧୫ କେଜି ବେଆଇନ ଗଞ୍ଜେଇ ଜବତ୍ କରି ଏକ ମାମଲା ରୁଜୁ କରିଥିବା ବେଳେ ପୁଣି ତା ପରଦିନ ସେହିଭଳି ଲଣ୍ଡାଗାଁ ପଞ୍ଚାୟତ ଜଙ୍ଗଲ ଅଞ୍ଚଳରୁ ଗଚ୍ଛିତ ଥିବା ୨୦୪୧ କେଜି ବେଆଇନ ଗଞ୍ଜେଇ ଜବତ କରି ମାମଲା ରୁଜୁ କରାଯାଇଛି।ଏହି ଦୁଇ ମାମଲାରେ କାହାକୁ ବି ଗିରଫ୍ କରାଯାଇନାହିଁ। କେହି ଗଞ୍ଜେଇ ମାଫିଆ ଏହି ବେଆଇନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ରଖିଥିବା ସନ୍ଦେହ କରାଯାଉଥିବା ଥାନା ଅଧିକାରୀ ଶିବରଞ୍ଜନ ସିଙ୍ଗା କହିଛନ୍ତି।

## ଚୈତ୍ରମାସ ତୃତୀୟ ମଙ୍ଗଳବାର ପାଳିତ

ଗୋଷାଣି,୨୪ ।୩ (ସମିସ): ଗୋଷାଣି ବ୍ଲକରେ ଚୈତ୍ର ମାସ ତୃତୀୟ ମଙ୍ଗଳ ବାରରେ ଜଙ୍ଗଲପାଡୁ, ଗୋଷାଣି, କଇଠଡା, ଗୁରାଣ୍ଡି ଆଦି ବିଭିନ୍ନ ଗ୍ରାମରେ ଥିବା ମଙ୍ଗଳା ମନ୍ଦିରରେ ଭକ୍ତିମୟ ପରିବେଶରେ ପୂଜାର୍ଚ୍ଚନା କରାଯାଇଛି। ଏଥିଲାଗି ଭକ୍ତ ତଥା ଶ୍ରାଦ୍ଧାଳଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ବିଶେଷ କରି ସକାଳେ ମହିଳା ମାନେ ନିଜର ଇଷ୍ଟ ଦେବୀଙ୍କୁ ଘରେ ଦୀପ ଧୂପ ଦେଇ ନିଜ ଗ୍ରାମର ଗ୍ରାମଦେବୀ ଙ୍କୁ ଏବଂ ମା ମଙ୍ଗଳା, ତାରାତାରିଣୀଙ୍କୁ ପୂଜା କରିଥିଲେ ।ଏହି ପୂଜାରେ ମୁଖ୍ୟ ମାଙ୍କ ନିକଟରେ ଅଖଣ୍ଡ ଦୀପ ଲଗାଇ ନୂତନ ବସ୍ତ୍ର ଦେବା ସହ ପ୍ରସାଦରେ ଗଜା ମୁଆଁ, ଦହି ପଣା ଆଦି ଭୋଗ ଲଗାଇଥିଲେ ।ସେହିପରି ମାନସିକଧାରୀ ମୁଣ୍ଡ ତୁଟି ବାହାର କରି ଲଣ୍ଡା ହୋଇଥିଲେ । ପୁଣି ସନ୍ଧ୍ୟାରେ ମା ଙ୍କ ନିକଟରେ ଦୀପ , ଆଳତି ଦେଇ ପୂଜାର୍ଚ୍ଚନା କରିଥିଲେ।

### କିଣୁନି ଚୁକ୍ତି କରିଥିବା କମ୍ପାନୀ

# ଖରା, ବର୍ଷାରେ ପଡ଼ିରହିଛି ୨୦୦ କ୍ୱିଣ୍ଟାଲ ଧାନ ବିହନ

ପାରଳାଖେମୁଣ୍ଡି,୨୪ ।୩(ସମିସ)





ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ବଡଦେଉଳା ଗ୍ରାମାଞ୍ଚଳର ଚାଷୀଙ୍କ ଧାନ ବିହନ ଆଜି ପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ। ଧାନ ଅମଳ ହୋଇ ପାଖାପାଖି ଚାରିମାସ ହେଲା ସେମାନଙ୍କ ଧାନ ପଡିରହିଛି। ଧାନ ବିହନ ନେବା ପାଇଁ ଚୁକ୍ତି କରିଥିବା କମ୍ପାନୀ ନେଉନାହିଁ। କେଉଁ ଦିନରୁ ଧାନମଣ୍ଡି ବନ୍ଦ ହୋଇଯାଇଥିବା ବେଳେ ଧାନ ଆଉ ବିକ୍ରି ହୋଇପାରିବ ସମ୍ଭାବନା ନ ଥିବାରୁ ଅଞ୍ଚଳର ଚାଷୀଙ୍କ ମୁଣ୍ଡରେ ଏବେ ଚଡକ ପଡିଛି। ଏହି ଅଞ୍ଚଳରେ ପ୍ରାୟ ୨୦୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିହନ ରହିଥିବା ଜଣାଯାଇଛି। କୃଷି ବିଭାଗ ଏବଂ ମହେନ୍ଦ୍ର ଓ କନକ ଏଗ୍ରୋ କମ୍ପାନୀ ମାଧ୍ୟମରେ ଧାନ ବିହନ ବିକ୍ରି ପାଇଁ ଚୁକ୍ତି ହୋଇଥିଲା । ବିଗତ ବର୍ଷ ସଠିକ୍ ସମୟରେ କମ୍ପାନୀ ଧାନ ବିହନ କ୍ରୟ କରିନେଇଥିଲା। ହେଲେ ଚଳିତ ବର୍ଷ ଆଜି ସୁଦ୍ଧା ଧାନ ବିହନ କ୍ରୟ କରାଯାଇନି। ପ୍ରାୟ ୪ ମାସ ହେଲା ଉତ୍ପାଦିତ ଧାନ ବିହନକୁ ଜଗି ବସିଛୁ। ଶୀତ ଜାକର ପରେ ଏବେ ଖରା ଓ କାଳବୈଶାଖୀ ବର୍ଷାରେ ଏହି ଧାନ ବିହନ ବସ୍ତା କ୍ଷେତଖଳା, ରାସ୍ତା ତଟ କିମ୍ବା ଘରର ବାରଣ୍ଡାରେ ପଡି ରହିଛି ବୋଲି ଏନେଇ ବଡଦେଉଳାର ଚାଷୀ କହିଛନ୍ତି। କ୍ଷେତଖଳାରେ ମୁକ୍ତ ଆକାଶ ତଳେ ରହିଥିବା ଧାନ ବିହନ ନଷ୍ଟ ହେବାରେ ଲାଗିଥିବା ବେଳେ ବାରହା ଉପଦ୍ରବ ସାଙ୍ଗକୁ ମୂଷା ଧାନ ନଷ୍ଟ କରୁଛି। ଯାହାକୁ ଦୃଷ୍ଟିରେ ରଖି ନିଜ ନିଜ ଘରର ବାରଣ୍ଡାରେ ଧାନ ରଖିଛନ୍ତି ଚାଷୀ। ଏବେ କେତେ ଦିନ ହେଲା ହଠାତ୍ କାଳବୈଶାଖୀ ବର୍ଷା ହେଉଥିବାରୁ ବାରଣ୍ଡାରୁ ପୁଣି ଘର ମଧ୍ୟକୁ ନେଇ ଧାନ ରଖିଥିବାର ଜଣାଇଛନ୍ତି। ଏପରି ସ୍ଥିତିରେ ଦିନ ରାତି ଧାନକୁ ଜଗି ବସିଛନ୍ତି ସିନା କ୍ରୟ ପାଇଁ ଚୁକ୍ତି କରିଥିବା କମ୍ପାନୀ ଆଜିକାଲି ଧାନ ନିଆଯିବ, ଗାଡି ପଠାଯାଇଛି ଆଦି କଥା କହି ଭୂଆଁ ବୁଲାଉଥିବାର ପ୍ରକାଶ କରିଛନ୍ତି ଚାଷୀ। ଧାନ ବିହନ ବିକ୍ରି ପାଇଁ ବ୍ଲକ କୃଷି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଠାରେ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରି ପରିସ୍ଥିତିରେ ବର୍ତ୍ତମାନ କେତେକ ଚାଷୀ ବେସରକାରୀ ଭାବେ ଅତି ଶସ୍ତା ଦରରେ ଧାନବିହନ ବିକ୍ରି କରିଦେଇଥିବା ପ୍ରକାଶ କରିଛନ୍ତି । ଏପରିକି ଗତ ୧୬ ତାରିଖରେ ଗୋଷାଣି ବ୍ଲକ ସଦରମହକୁମା ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ ଚାଷୀ। କିନ୍ତୁ ପ୍ରତିଶ୍ରୁତି ଦିଆଯାଇଥିଲା ଅତି ଶୀଘ୍ର ଧାନ କ୍ରୟ କରାଯିବ । ହେଲେ ସେହି ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ପାଲଟିଥିବା କ୍ଷୋଭର ସହ ଚାଷୀ କହିଥିବା ବେଳେ ଆଗାମୀ ଦୁଇ ତିନି ଦିନରେ ଯଦି ଧାନକ୍ରୟ କରାନଗଲେ ଆନ୍ଦୋଳାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ ଧାନ ବିହନ ଉତ୍ପାଦନ ପାଇଁ ଚାଷ ପୂର୍ବରୁ ମହେନ୍ଦ୍ର ଏଗ୍ରୋ ନାମକ କମ୍ପାନୀ ଚାରି କିସମ ବିହନ ଉତ୍ପାଦନ ପାଇଁ ସଚେତନତା କରିଥାଏ । ସେଗୁଡିକ ହେଲା ସୁଗନ୍ଧା, କଳାଚମ୍ପା, ବାସଭୋଗ ଓ କେତକିଜୋଲା। ଏଥି ମଧ୍ୟରୁ ବଡଦେଉଳା ଅଞ୍ଚଳରେ ସୁଗନ୍ଧା, କଳାଚମ୍ପା ଓ କେତକିଜୋଲା କିସମର ବିହନ ଉତ୍ପାଦନ କରିଥିବା ଜଣାଯାଇଛି । ଏନେଇ ଜିଲ୍ଲା କୃଷି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ କେ.ସୁରଜ ପାତ୍ରଙ୍କୁ ପଚାରିବାରେ ଏପରି କିସମ ବିହନ ଗୁଡିକ ରପ୍ତାନୀ ହୋଇଥାଏ । ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ସଠିକ୍ ଭାବେ ରପ୍ତାନୀ ହେଉନାହିଁ । ଆମ୍ଭେ ଚେଷ୍ଟା କରୁଛୁ ଆଗାମୀ ୪ ପାଞ୍ଚ ଦିନ ମଧ୍ୟରେ ଧାନ ବିହନ ଚୁକ୍ତି କରିଥିବା କମ୍ପାନୀ କ୍ରୟ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅନ୍ୟପଟେ ଚୁକ୍ତି କରିଥିବା କମ୍ପାନୀକୁ ଯୋଗାଯୋଗ କରାଯିବାରେ ଆଜିକାଲି ମଧ୍ୟରେ ଧାନ ବିହନ କ୍ରୟ କରାଯିବ ବୋଲି ଉତ୍ତର ମିଳିଛି।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ପାରଳାଖେମୁଣ୍ଡି,୨୪ ।୩(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆଜି ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା




ବ୍ୟବହାର ସମ୍ପର୍କିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଉଦଘାଟିତ ହୋଇଛି। ଶିବିରରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ କିପରି ଓଡ଼ିଆ ଭାଷାର ବ୍ୟବହାର କରାଯାଇପାରିବ ସେହି ସମ୍ପର୍କରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଓଡ଼ିଆ ଭାଷା ବିଶେଷଜ୍ଞ ଭୁବନେଶ୍ୱରର ଡ. ରବିନାରାୟଣ ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଡ. ରମେଶ ଚନ୍ଦ୍ର ମଲ୍ଲିକ, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ବିପ୍ଳବ ରଞ୍ଜନ ପ୍ରଧାନ ଓ ସାହିତ୍ୟକର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଭାଷାରେ କାର୍ଯ୍ୟାଳୟର ପତ୍ର ବିନିମୟ ଓ ଯୋଗାଯୋଗ କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସମସ୍ୟା ଓ ସମାଧାନ, ଇଂରାଜୀରୁ ଓଡ଼ିଆ ଟିପ୍ପଣୀ/ଚିଠା ଓ ଆଦେଶନାମା ଅନୁବାଦ ଇତ୍ୟାଦି ରହିଛି। ସେହିପରି ଓଡ଼ିଆ ଭାଷାରେ ସରକାରୀ ଦସ୍ତାବିଜ୍, ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପ୍ରୋତ୍ସାହନ, ଶବ୍ଦ ଭଣ୍ଡାର ବ୍ୟବହାରିକ ରୂପ, ବାକ୍ୟ ଗଠନ ଓ ଚିହ୍ନ ପ୍ରୟୋଗ, ଓଡ଼ିଅ ଲିଖନ, ଇଂରାଜୀରୁ ଓଡ଼ିଆ ଟିପ୍ପଣୀ, ପ୍ରଶାସନିକ ଶବ୍ଦ ନିରୂପଣ, ବନାନ ଅଶୁଦ୍ଧି ନିରାକରଣ ଓ ଓଡ଼ିଆରେ ନଥି ପ୍ରସ୍ତୁତି, କମ୍ପ୍ୟୁଟରରେ ଓଡ଼ିଆ ଟାଇପିଙ୍ଗ ପ୍ରସ୍ତୁତି ଓ ସରକାରୀ କାର୍ଯ୍ୟ ସମ୍ପାଦନା ଏବଂ ପାୱାର ପଏଣ୍ଟ ଉପସ୍ଥାପନ ଇତ୍ୟାଦି ବିଷୟରେ ଦୁଇ ଦିନିଆ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଶିବିରରେ ଜିଲ୍ଲାର ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ମନୋଜ ଲିମ୍ମା କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଟିକାବାଲିରେ ଜାତୀୟ ଜନଗଣନା ପ୍ରଶିକ୍ଷଣ ଶିବିର



ଟିକାବାଲି,୨୪।୩(ସମିସ): ଟିକାବାଲି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜାତୀୟ ଜନଗଣନା ପାଇଁ ୩ଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆରମ୍ଭ ହୋଇଯାଇଛି। ଟିକାବାଲି ତହସିଲଦାର ତଥା ଜନଗଣନା ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଛି। ଶିବିରରେ ୯୫ ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇ ଜାତୀୟ ଗୃହ ଗଣନା ଓ ଜନଗଣନା ସମ୍ପର୍କିତ ବୈଷୟିକ ତାଲିମ ଗ୍ରହଣ କରୁଛନ୍ତି। ୨୦୧୧ ମସିହା ପରଠାରୁ ଦୀର୍ଘ ଦିନ ଧରି ଜନଗଣନା ହୋଇନଥିବାରୁ, ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ସାମାଜିକ-ଅର୍ଥନୈତିକ ବିକାଶର ରୂପରେଖ ପ୍ରସ୍ତୁତ କରିବାରେ ଏହି ସର୍ଭେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସୂଚନାଯୋଗ୍ୟ ଯେ, ଆସନ୍ତା ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଜନସାଧାରଣ ନିଜେ ଚାହିଁଲେ ଜାତୀୟ ଜନଗଣନା ଆପ୍ ମାଧ୍ୟମରେ ନିଜର ତଥ୍ୟ ଅପଲୋଡ୍ କରିପାରିବେ। ଏହାପରେ ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଗଣନାକାରୀ ଘରକୁ ଘର ବୁଲି ବିଧିବଦ୍ଧ ଭାବେ ଗୃହ ସର୍ଭେ କାର୍ଯ୍ୟ ଶେଷ କରିବେ। ଶିବିରରେ ଅଧ୍ୟାପକ ନରେନ୍ଦ୍ର ଦିଗାଲ, ଶଙ୍କର ପାଢ଼ୀ, ବନମାଳୀ ବେହେରା ଏବଂ ସନ୍ତୋଷ କୁମାର ରଥ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରୁଛନ୍ତି। ଗ୍ରାମାଞ୍ଚଳର ବିକାଶ ପାଇଁ ସଠିକ ତଥ୍ୟର ଆବଶ୍ୟକତା ଥିବାରୁ ଜନସାଧାରଣ ଗଣନାକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ତହସିଲଦାର ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

## ଫିରିଙ୍ଗିଆରେ ୫୯ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଫିରିଙ୍ଗିଆ,୨୪।୩(ସମିସ): ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ କନ୍ଧମାଳ ଜିଲ୍ଲାପାଳଙ୍କ ଜନଶୁଣାଣି ହୋଇଥିଲା। ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନ ସାଧାରଣ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଜଣାଇଥିଲେ। ରାସ୍ତାଘାଟ, ପାନୀୟ ଜଳ ସଙ୍କଟ , ମୋବାଇଲ୍ ନେଟୱାର୍କ ଅସୁବିଧା, ସ୍ୱାସ୍ଥ୍ୟ ସହ ବିଭିନ୍ନ ସମସ୍ୟା ନେଇ ମୋଟ ୫୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲ୍ଲାପାଳ ବେଦଭୂଷଣ ଏହି ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ଉପଜିଲ୍ଲାପାଳ ଭିକାରୀ ସାହୁ, ଜିଲ୍ଲା ଉନ୍ନୟନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ପିଏ-ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଦାଧର ପାତ୍ର, ଜିଲ୍ଲା ସଂପ୍ରସାରଣ ଅଧିକାରୀ ରବିନାରାୟଣ ମିଶ୍ର, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ ସାହୁ, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠୀ, ସିଡିପିଓ ନିବେଦିତା ପ୍ରଧାନ, ଅବକାରୀ ବିଭାଗର ସତ୍ୟଜିତ ଖଟୁଆ ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ତତସହିତ ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା, ଏପିଓ ସୁମନ୍ତ ଉଠାଣ ସିଂ ଉପସ୍ଥିତ ଥିଲେ।




## ପାରଳାଖେମୁଣ୍ଡିରେ ତ୍ରିରଙ୍ଗାକୁ ଅସମ୍ମାନ



ପାରଳାଖେମୁଣ୍ଡି,୨୪ ।୩ (ସମିସ): ପାରଳାଖେମୁଣ୍ଡି ସହରରେ ତ୍ରିରଙ୍ଗା ପତାକାକୁ ଅସମ୍ମାନ କରାଯାଉଥିବା ଅଭିଯୋଗ ହୋଇଛି। ସହରର ରେଳଷ୍ଟେସନ ଓ ସବଜେଲ୍ ସମ୍ମୁଖରେ ଥିବା ତ୍ରିରଙ୍ଗାର ଆବଶ୍ୟକ ଦେଖାଶୁଣା କରାଯାଉ ନଥିବା ଦେଖିବାକୁ ମିଳୁଛି। ସରକାର ତଥା ପ୍ରଶାସନ ତରଫରୁ ଉଚ୍ଚତମ ବିଶିଷ୍ଟ ତ୍ରିରଙ୍ଗା ଖମ୍ବ ପୋତାଯାଇଛି। ଉଦ୍ଦେଶ୍ୟ ରହିଛି ଯେ ଦୈନନ୍ଦିନ ଏହି ତ୍ରିରଙ୍ଗା ପତାକା ରହିବା ସହ ଦେଶାତ୍ମବୋଧ ଭାବ ସୃଷ୍ଟି କରିବା ଓ ନିଜ ଦେଶକୁ ସମ୍ମାନ ଜଣାଇବା। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ତ୍ରିରଙ୍ଗା ପତାକା ଶିରିହୀନ ହୋଇପଡିଛି। ରେଳଷ୍ଟେସନରେ ଥିବା ତ୍ରିରଙ୍ଗାର ରଙ୍ଗ ଉଡିଯିବା ସହ ଚିରିଗଲାଣି। ସେହିପରି ସବଜେଲ୍ ସମ୍ମୁଖରେ ଥିବା ତ୍ରିରଙ୍ଗା ଖୁଣ୍ଟରେ ତ୍ରିରଙ୍ଗା ଉଭାନ ହୋଇଯାଇଥିବାର ଦେଖିବାକୁ ମିଳୁଛି । ସହର ଏହି ଦୁଇଟି ସ୍ଥାନରେ ଲଗାଯାଇଥିବା ତ୍ରିରଙ୍ଗା ଖୁଣ୍ଟର ଉଦଘାଟନ ବେଳେ ଦେଶାତ୍ମକ ମନୋଭାବ ତଥା ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବଡ ବଡ ଭାଷଣବାଜି ଦିଆଯାଇଥିଲା । ହେଲେ ବର୍ଷ ତମାମ ଏହାର ଆବଶ୍ୟକୀୟ ଦେଖାଶୁଣା କରାଯାଉନଥିବା ଯୋଗୁଁ ସରକାର ଓ ପ୍ରଶାସନର କେତେ ଆନ୍ତରିକତା ରହିଛି ତାହା ସହଜେ ଅନୁମେୟ ବୋଲି ସାଧାରଣରେ ଆଲୋଚନା ହେଉଛି। ଏପରି ଦାୟିତ୍ୱହୀନ କାର୍ଯ୍ୟ କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୂତନ ତ୍ରିରଙ୍ଗା ପତାକା ଲଗାଯିବା ପାଇଁ ସାଧାରଣରେ ଦାବି ହେଉଛି।

# ପାଣି ପାଇଁ ଡହକବିକଳ ବାରୁସିଂ ଗ୍ରାମବାସୀ





ଗୁମ୍ମା,୨୪ ।୩ (ସମିସ)

କୁହାଯାଏ ଜଳ ହିଁ ଜୀବନ। ପାଣି ବିନା ମନୁଷ୍ୟ ବଞ୍ଚିବା ଏକପ୍ରକାର ଅସମ୍ଭବ। କିନ୍ତୁ ସ୍ଥାନୀୟ ପ୍ରଶାସନର ସ୍ଥାଣୁତା ଯୋଗୁଁ ସ୍ଥାୟୀ ସମାଧାନ ହୋଇନି କି ଟାଙ୍କିରେ ପାଣି ମଧ୍ୟ ରହୁନି। ଗୁମ୍ମା ବ୍ଲକ ବୃଷଭ ପଞ୍ଚାୟତ ବାରୁସିଂ ଗ୍ରାମବାସୀ ଜଳକଷ୍ଟରେ ଦିନ କାଟୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମରେ ୩୦ ପରିବାର ବସବାସ କରୁଛନ୍ତି। ଗ୍ରାମରେ ଥିବା ଏକ ମାତ୍ର ଚୁଆଁରେ ପାଣି କମିଯିବା ହେତୁ ଦୁଇ କିମି ଦୂରରେ ଥିବା କୂଅ ପାଣି ଏବେ ଭରସା ହୋଇଛି। ଆଶ୍ଚର୍ଯ୍ୟର ବିଷୟ ପାଣି ସମସ୍ୟା ନେଇ ଗ୍ରାମର ଗୃହପାଳିତ ପଶୁ ଗାଇଗୋରୁ,ଛେଳିକୁ ସାମୁହିକ ଭାବେ ବିକ୍ରି କରିଦେଇଛନ୍ତି ଗ୍ରାମବାସୀ। ପିଇବା ପାଣି ପାଇଁ ପାଦଚଲା ରାସ୍ତାରେ ଦୁଇ କିମି ଯିବାକୁ ପଡ଼େ। ଗୃହପାଳିତ ପଶୁ ପାଣି ବିନା ଅକାଳ ମୃତ୍ୟୁ ଆଶଙ୍କାରେ ଏପରି ନିଷ୍ପତ୍ତି ନେଇଥିବା ଗ୍ରାମର ଡୁକା ରଇତ, ଇସ୍ପେସ ରଇତ, ଅସ୍କିନାସ ରଇତ, ଆମୋସ ଗମାଙ୍ଗ ଓ ଗୁସାରୁ ଶବର କହିଛନ୍ତି। ଲୋକଙ୍କୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ୧୦ ବର୍ଷ ପୂର୍ବେ ବସୁଧା ଯୋଜନାରେ ଘରେ ଘରେ ଜଳ ଯୋଗାଣ କରାଯାଇଥିଲା। ଗତବର୍ଷ ଗୁମ୍ମା ବ୍ଲକ ପ୍ରଶାସନ ପକ୍ଷରୁ ଏହି ଗ୍ରାମକୁ ଟ୍ରାକ୍ଟର ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। କିନ୍ତୁ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ତୁରନ୍ତ ସ୍ଥାୟୀ ସମସ୍ୟାର ସମାଧାନ ପାଇଁ ବାରୁସିଂ ଗ୍ରାମବାସୀ ଦାବି କରିଛନ୍ତି।

## ଚଉଦ କୋଷ ଗୋଛାପଡା ଗଡ଼ ଗୋପାଳ ସମାଜର ବାର୍ଷିକ ଉତ୍ସବ



ଫିରିଙ୍ଗିଆ,୨୪।୩(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡା ପଞ୍ଚାୟତ ବନ୍ଧୁଲି ଗାଁରେ ଚଉଦ କୋଷ ଗୋଛାପଡା ଗଡ଼ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଉଦ କୋଷ ଗୋଛାପଡା ଗଡ଼ ଗୋପାଳ ସମାଜ ସଭାପତି ପଦ୍ମ ଚରଣ ନାଗଙ୍କ ଅଧ୍ୟକ୍ଷତା ଏବଂ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଯୁବ ସଭାପତି ଅନନ୍ତ କୁଦେଇ, ଜିଲ୍ଲା ଉପସଭାପତି କମ୍ଭୁପାଣି ନାଗ ଓ ଜିଲ୍ଲା ଯୁବ ସମ୍ପାଦକ ବିବସ୍ୱ ବଗର୍ତ୍ତୀ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ଫିରିଙ୍ଗିଆ ବ୍ଲକର ୧୦ ପଞ୍ଚାୟତ ଗୋଛାପଡା, ପଲାବୃଡ଼ି, ସଲାଗୁଡା, ପକାରୀ, କ୍ରାଣ୍ଡିବାଲି, ବାଲନ୍ଦାପଡା, ଲୁଇସିଂ, କୁଏରମାଣ୍ଡୁ, ପାହିରେଜୁର ଗୋପାଳ ସମାଜର ସମସ୍ତ ପରିବାର ଯୋଗ ଦେଇଥିଲେ। ୨ ଦିନ ଧରି ଅନୁଷ୍ଠିତ ବାର୍ଷିକ ଉତ୍ସବର ପ୍ରଥମ ଦିନରେ ନିକଟରେ ଥିବା ପୋଖରୀରୁ କଳସୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସୀ ଯାତ୍ରା ପରେ ସଭା ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପାରମ୍ପରିକ ବାଡି ଖେଳ ହୋଇଥିଲା। ଜିଲ୍ଲା ଯୁବ ସଭାପତି ଅନନ୍ତ କୁଦେଇ ସଂଗଠନ ସୁଦୃଢ଼ୀକରଣ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସନ୍ତୋଷ କୁମାର ଜାଲ, ଉପସଭାପତି ବିଘ୍ନେଶ୍ୱର ବଗାର, ହେଡ଼ ଗଡିଆ କୃତିବାସ ଜାଲ, କୋଷାଧକ୍ଷ ପ୍ରଶାନ୍ତ ବଗାର ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ବିବସ୍ୱ ବଗର୍ତ୍ତୀ ପରିଚାଳନା କରିଥିବା ବେଳେ ଗୋଛାପଡା ପଞ୍ଚାୟତ ଗୋପାଳ ସମାଜବାସୀ ଏବଂ ବନ୍ଧୁଲି ଗ୍ରାମର ଗୋପାଳ ପରିବାର ସହଯୋଗ କରିଥିଲେ।

